## ବିଶ୍ୱ ସନ୍ତୁର ଦିବସ ପାଳିତ



ବାଲେଶ୍ୱର, ୨୩।୬(ସମିସ): ବାମପଦାସ୍ଥ ନୋସି ଉତ୍କଳା ଶିଳ୍ପଗ୍ରାମ ପରିସରରେ ଓଡ଼ିଶାର ବିଶିଷ୍ଟ ତବଲା ବାଦକ ତଥା ବିଖ୍ୟାତ ସନ୍ତୁର ବାଦକ ପଦ୍ମଶ୍ରୀ ପଣ୍ଡିତ ଭଜନ ସୋପୋରିଙ୍କ ଶିଷ୍ୟ ନନ୍ଦକିଶୋର ଦାସଙ୍କ ଦ୍ୱାରା ପ୍ରଥମ ବିଶ୍ୱ ସନ୍ତୁର ଦିବସ ପାଳିତ ହୋଇଯାଇଛି। ଏହି ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାମ୍ବାଦିକ ତଥା କଳାକାର ବ୍ରହ୍ମନାଥ ରଥ ଓ ମୁଖ୍ୟ ବକ୍ତା ଭାବେ ଶିଳ୍ପୀ କେଶୁ ଦାସ ଯୋଗଦେଇ ବାଲେଶ୍ୱର କଳା ସଂସ୍କୃତି ସାହିତ୍ୟ କ୍ଷେତ୍ରରେ ସର୍ବଦା ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ବେଳେ ସନ୍ତୁର ବାଦକ ନନ୍ଦକିଶୋର ଦାସ ତାଙ୍କ ଗୁରୁ ଭକ୍ତିର ପରାକାଷ୍ଠା ପ୍ରତିପାଦନ କରି ଓଡ଼ିଶାରେ ଏକମାତ୍ର ପ୍ରଥମ ବିଶ୍ୱ ସନ୍ତୁର ଦିବସ ପାଳନ କରି ଆଉ ଏକ ପର୍ବ ଯୋଡ଼ିଲେ ବୋଲି ମତବ୍ୟକ୍ତ କରିଥିଲେ। ସଭାକାର୍ଯ୍ୟକୁ ନନ୍ଦକିଶୋର ଦାସ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସନ୍ଧ୍ୟାକୁ ବିଶିଷ୍ଟ ତବଲା ବାଦକ ଅଜିତାନନ୍ଦ ଦେବଗୋସ୍ୱାମୀ ସୁନ୍ଦର ଭାବରେ ସଞ୍ଚାଳନ କରିଥିଲେ। ସନ୍ଧ୍ୟାରେ ତବଲା ବାଦକ ଯୁଗଳ ପ୍ରିୟବ୍ରତ ନାୟକ ଓ ସୁପ୍ରିୟ ସାହୁ ତବଲା ବାଦନ କରି ଦର୍ଶକଙ୍କ ମନ ମୋହି ଥିବାବେଳେ ସୁଗାୟକ ସଚ୍ଚିଦାନନ୍ଦ ସାହୁ ମଧୁମତି ରାଗରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ବାଲେଶ୍ୱର ଜିଲ୍ଲାର ଏକମାତ୍ର ସନ୍ତୁର ବାଦକ ନନ୍ଦକିଶୋର ଦାସ ଅଧଘଣ୍ଟାରୁ ଅଧିକ କାଳ ଭୈରବୀ ରାଗ ଆଧାରିତ ସନ୍ତୁର ବାଦନ ପରିବେଷଣ କରି ସମସ୍ତଙ୍କର ହୃଦୟ ଜୟ କରିଥିଲେ। ପ୍ରକାଶ ଥାଉ କି, ୧୯୪୮ ମସିହା ଜୁନ ୨୨ ତାରିଖରେ ଜନ୍ମିତ କାଶ୍ମୀରର ବିଖ୍ୟାତ ସନ୍ତୁର ବାଦକ ପଦ୍ମଶ୍ରୀ ପଣ୍ଡିତ ଭଜନ ସୋପୋରିଙ୍କ ଜନ୍ମଦିନକୁ ଚଳିତ ବର୍ଷ ବିଶ୍ୱ ସନ୍ତୁର ଦିବସ ଭାବରେ ମାନ୍ୟତା ପାଇବା ପରେ ବିଦେଶରେ ତଥା ଭାରତର ବିଭିନ୍ନ ସ୍ଥାନରେ ବିଶ୍ୱ ସନ୍ତୁର ଦିବସ ଭାବରେ ପାଳନ କରୁଛନ୍ତି।

# ବାଲେଶ୍ୱରରେ କର୍ଫ୍ୟୁକୁ ବିତିଲା ସପ୍ତାହେ

- ସହଦେବଖୁଣ୍ଟାବାସୀ ଆଶ୍ୱସ୍ତ, ଟାଉନ ଥାନା ଅଞ୍ଚଳରେ କର୍ଫ୍ୟୁ କୋହଳ ଅବଧି ବଢ଼ାଇବା ଦାବି

ବାଲେଶ୍ୱର, ୨୩।୬(ସମିସ):



ବାଲେଶ୍ୱର ସହରର ସୁନହଟରେ ଗତ ୧୭ତାରିଖରେ ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ଗୋଷ୍ଠୀ ସଂଘର୍ଷକୁ ଆଜି ସାତଦିନ ବିତିଛି। ଗତ୧୭ତାରିଖ ଅପରାହ୍ନରେ୧୪୪ଧାରା ଜାରି ହେବା ପରେ ପରିସ୍ଥିତିକୁ ଆୟତ କରିବାକୁ ଯାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ପୌରାଞ୍ଚଳରେ ମଧ୍ୟରାତ୍ରରୁ କର୍ଫ୍ୟୁ ଜାରି ହୋଇଥିଲା। ସେହି ଦିନ ଠାରୁ ମଙ୍ଗଳବାର ଏବଂ ବୁଧବାର ଦୁଇଦିନ ପର୍ଯ୍ୟନ୍ତ କର୍ଫ୍ୟୁ ସମ୍ପୂର୍ଣ୍ଣ ଭାବେ ଲାଗିଥିଲା। ତେବେ ଲୋକମାନଙ୍କ ଅସୁବିଧାକୁ ଲକ୍ଷ୍ୟ କରି ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁକୁ ଗୁରୁବାର ଠାରୁ ଆଜି ପର୍ଯ୍ୟନ୍ତ କୋହଳ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଧୀରେ ଧୀରେ କର୍ଫ୍ୟୁ କୋହଳ କରିବା ପରେ ଶିଳ୍ପାଞ୍ଚଳ ଥାନା ଅଧିନରେ ଥିବା ସମସ୍ତ ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ କର୍ଫ୍ୟୁ ହଟି ଯାଇଛି। ବର୍ତମାନ କେବଳ ସହଦେବଖୁଣ୍ଟା ଏବଂ ଟାଉନ ଥାନା ଅଧିନରେ କର୍ଫ୍ୟୁ ବଳବତ୍ତର ରହିଛି।

ସୂଚନା ଅନୁସାରେ, ରବିବାର ସକାଳ ୫ଟା ଠାରୁ ରାତି୯ଟା ପର୍ଯ୍ୟନ୍ତ ସହଦେବଖୁଣ୍ଟା ଥାନା ଅଞ୍ଚଳରେ କର୍ଫ୍ୟୁ କୋହଳ ହୋଇଥିବା ବେଳେ ଟାଉନ ଥାନା ଅଞ୍ଚଳରେ ସକାଳ ୫ଟା ଠାରୁ ଦିନ ୨ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଛି। ସହଦେବଖୁଂଟା ଥାନା ଅଞ୍ଚଳରେ ରାତି ୯ଟା ପରେ ଓ ଟାଉନ ଥାନା ଅଞ୍ଚଳରେ ଦିନ୨ଟା ପରେ ପୂର୍ବପରି କର୍ଫ୍ୟୁ ବଳବତ୍ତର ରହିବ ବୋଲି ଜିଲ୍ଲାପାଳ ଆଶିଷ ଠାକରେ କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ସହଦେବଖୁଣ୍ଟା ଥାନା ଅଞ୍ଚଳର ଲୋକଙ୍କ ମଧ୍ୟରେ ଖୁସି ରହିଥିବା ବେଳେ ଟାଉନ ଥାନା ଅଞ୍ଚଳର ଲୋକେ ଏହି କର୍ଫ୍ୟୁ କୋହଳର ଅବଧିକୁ ଅଧିକ ବଢ଼ାଇବା ପାଇଁ ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନର ଏହି ନିଷ୍ପତ୍ତି ପରେ ଉଭୟ ଥାନା ଅଞ୍ଚଳରେ ବଜାର ଖୋଲିବା ପରେ ଲୋକଙ୍କ ଭିଡ଼ ଲାଗିଥିଲା। ଯଦିଓ କୋହଳର ପ୍ରଥମ ଓ ଦ୍ୱିତୀୟ ଦିନ ବଜାରର ଅଧିକ ଗହଳି ଲାଗୁଥିଲା ଏବେ କିନ୍ତୁ ସେଭଳି ଗହଳି ଦେଖିବାକୁ ମିଳିନଥିଲା। ଅନ୍ୟପଟେ ଟାଉନ ଥାନା ଅଞ୍ଚଳରେ ବଜାର ଖୋଲିବାର ସମୟ ଦିନ ୨ଟା ପର୍ଯ୍ୟନ୍ତ ଥିବାରୁ ମାର୍କେଟିଂ ସାରି ଜଲଦି ଜଲଦି ଘରକୁ ଯିବା ପାଇଁ ଲୋକଙ୍କ ଭିତରେ ବ୍ୟସ୍ତତାଭାବ ଦେଖିବାକୁ ମିଳିଥିଲା। କୋହଳ ସମୟ ଦିନ ଦୁଇଟା ବଦଳରେ ସନ୍ଧ୍ୟା ୬ଟାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି। ସେହିପରି ସହଦେବଖୁଂଟା ଅଞ୍ଚଳରେ ସକାଳ ୫ଟା ଠାରୁ ରାତି୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ବେଳେ ଅଞ୍ଚଳବାସୀ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ତେବେ ମୋବାଇଲ ଇଂଟରନେଟ ସେବା ଚାଲୁକରିବା ପାଇଁ ସହରବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ସହଦେବଖୁଂଟା ଅଞ୍ଚଳର ସ୍ଥାନୀୟ ବାସିନ୍ଦା ନିତ୍ୟାନନ୍ଦ ନାୟକ କହିଛନ୍ତି ଯେ, ସହରରେ ଗୋଷ୍ଠୀ ବିବାଦ ପାଇଁ ସାଧାରଣ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଲେ। ଏପରିକି ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଜାରି କରାଯିବା ପରେ ଦୁଇ ଦିନ ପର୍ଯ୍ୟନ୍ତ ଲୋକେ ଘରୁ ବାହାରି ପାରିନଥିଲେ। ଦୁଇ ଦିନ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁକୁ ସାମାନ୍ୟ କୋହଳ କରିଥିବା ବେଳେ ଆଜି ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁକୁ କୋହଳ କରାଯାଇଛି। ଏଣୁ ସ୍ଥାନୀୟ ଲୋକେ ଖୁସି ଥିବା ବେଳେ ସମୟ ଅନୁସାରେ ସେମାନେ ନିଜର ବଜାର ସଉଦା କରିପାରିବେ ବୋଲି କହିଛନ୍ତି। ଅନ୍ୟପଟେ ଟାଉନଥାନା ଅଞ୍ଚଳର ବାସିନ୍ଦା ଚନ୍ଦନ ଭୂୟାଁ କହିଛନ୍ତି ଯେ, ଟାଉନଥାନା ଅଧିନରେ ଏହି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଫଳରେ ଏହି ଥାନା ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ଶକ୍ତ କର୍ଫ୍ୟୁ ଲାଗି ରହିଛି। ଏହି ଘଟଣାକୁ ସାତ ଦିନ ବିତିଯାଇଥିବା ବେଳେ ସହରରେ ଶାନ୍ତି ଫେରୁଛି। ତେବେ ସହଦେବଖୁଂଟା ଥାନା ଅଞ୍ଚଳରେ କର୍ଫ୍ୟୁକୁ ସକାଳ ୫ଣୁ ରାତି ୯ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଥିବା ବେଳେ ଟାଉନ ଥାନା ଅଞ୍ଚଳରେ ତାହାକୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଉ ବୋଲି ସେ କହିଛନ୍ତି। ଯାହାଫଳରେ ଲୋକେ ଟିକେ ଅଧିକ ସମୟ ପାଇବା ସହ ବେପାର ବଣିଜ ଅଧିକ ହୋଇପାରିବ। ଅନ୍ୟପଟେ ମୋବାଇଲ ନେଟ ବର୍ତ୍ତମାନ ପର୍ଯ୍ୟନ୍ତ ବନ୍ଦ ରହିଥିବା କାରଣରୁ ଅନଲାଇନ ପେମେଣ୍ଟ ହୋଇପାରୁ ନ ଥିବା ବେଳେ ବ୍ୟବସାୟ କମୁଛି।

### ବାଲେଶ୍ୱରରେ ଶାନ୍ତି ଫେରାଇ ଆଣିବା ପ୍ରୟାସ

# ଜିଲ୍ଲା ପ୍ରଶାସନ ସହ ବିଜେଡିର ବୈଠକ



ବାଲେଶ୍ୱର, ୨୩।୬(ସମିସ): ସହରରେ ଗୋଷ୍ଠୀ ସଂଘର୍ଷକୁ ଆଜିକୁ ୭ଦିନ ବିତିଗଲାଣି। ଏପରିକି ୧୭ତାରିଖ ମଧ୍ୟରାତ୍ରଠାରୁ କର୍ଫ୍ୟୁ ମଧ୍ୟ ଲାଗି ରହିଛି। ଏହି କର୍ଫ୍ୟୁ ଲାଗିବା ଫଳରେ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ରୋଗୀମାନେ ମେଡିକାଲ ଯିବାରେ ବହୁ ସମସ୍ୟା ଭୋଗୁଛନ୍ତି। ଏହାବ୍ୟତିତ ବୁଧବାର ଠାରୁ କର୍ଫ୍ୟୁ କୋହଳ ହେବା ପରେ ଦରଦାମ ଅହେତୁକ ମାତ୍ରାରେ ବୃଦ୍ଧି ପାଇଥିଲା। ଏପରିକି ଇଂଟରନେଟ ପାଇଁ ଲୋକେ କୁରୁଡା ଏବଂ ଅନ୍ୟାନ୍ୟ ଦୂର ସ୍ଥାନ ଉପରେ ନିର୍ଭର କରୁଛନ୍ତି। ପୁଣିଥରେ ସହରରେ ଶାନ୍ତି ଫେରାଇ ଆଣିବା ଉଦ୍ଦେଶ୍ୟରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଏକ ସ୍ମାରକପତ୍ର ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣାକୁ ନେଇ ପୂର୍ବତନ ସଦର ବିଧାୟକ ସ୍ୱରୂପ କୁମାର ଦାସ କହିଥିଲେ ଯେ, ଦୀର୍ଘ ୨୫ବର୍ଷ ଧରି ରାଜ୍ୟରେ ବିଜେଡି ସରକାର ଥିବା ସମୟରେ ବାଲେଶ୍ୱରରେ ଏଭଳି ଘଟଣା କେବେ ଘଟିନାହିଁ। ବାଲେଶ୍ୱର ହେଉଛି ଏକ ଭାଇଚାରାର ସହର। ଏଠାରେ ସମସ୍ତେ ଶାନ୍ତିରେ ରହୁଥିବା ବେଳେ ହଠାତ ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଛି। ଯାହାଫଳରେ ସହରରେ କର୍ଫ୍ୟୁ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ଏହି ଘଟଣା ଯୋଗୁଁ ସହରରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଶକୁ ହଟାଇ ପୁଣିଥରେ କିପରି ଭାବେ ଶାନ୍ତି ଫେରାଇ ଅଣାଯାଇ ପାରିବ ସେ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଏତଦବ୍ୟତିତ ଏହି କର୍ଫ୍ୟୁ ସମୟରେ ଇଂଟରନେଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଥିବା କାରଣରୁ ଲୋକେ ଦୂରଦୂରାନ୍ତକୁ ଯାଇ ରାସ୍ତା ଉପରେ ଇଣ୍ଟରନେଟ ବ୍ୟବହାର କରୁଥିଲେ। ଏଣୁ ଇଂଟରନେଟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ କୋହଳ କରିବାକୁ କହିଥିଲେ। ଅନ୍ୟପଟେ ଏହି କର୍ଫ୍ୟୁ ସମୟରେ ରୋଗୀମାନେ ହସପିଟାଲକୁ ଯାଉଥିବା ବେଳେ ଲାଗି ରହିଥିବା କର୍ଫ୍ୟୁ ପାଇଁ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଣୁ ଏହାର ଉଚିତ ସମାଧାନ କରାଯିବାର ଆବଶ୍ୟକତା ରହିଛି। ବସ୍ତା ବିଧାୟକ ସୁବାସିନୀ ଜେନା କହିଛନ୍ତି ଯେ, ଗରିବ ଖଟିଖିଆ ଲୋକମାନଙ୍କ ଜୀବୀନ ଜୀବିକା ପ୍ରତି ବିଶେଷ ଭାବେ ଧ୍ୟାନ ଦିଆଯିବା ସହ ଟାଉନ ଥାନା ଅଧିନରେ କର୍ଫ୍ୟୁକୁ ଅଧିକ କୋହଳ କରାଯାଉ। ଦରଦାମ ବୃଦ୍ଧି ପ୍ରତି ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ବିଭିନ୍ନ କମ୍ୟୁନିଟିର ଲୋକମାନଙ୍କୁ ନେଇ ବୈଠକ କରାଯିବାର ଆବଶ୍ୟକତା ରହିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ରେମୁଣାର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ରଞ୍ଜନ ବାଗ, ଶୁଭେନ୍ଦୁ ମଙ୍ଗରାଜ, ବସନ୍ତ ପଣ୍ଡା, ସତ୍ୟରଞ୍ଜନ ଦାସ, ଧୀରେନ ନାୟକ, କାଉନସିଲର ମୀନା ମହାନ୍ତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ବିଭିନ୍ନ କିସମର ଫଳ ଚାରା ପ୍ରଦାନ



ବାଲେଶ୍ୱର, ୨୩।୬ (ସମିସ): ରେମୁଣା ଏନଏସି ଅଧିନସ୍ଥ ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ସର୍ବପୁରାତନ ଇମାମି କାଗଜକଳର ମାଲିକ, ଇମାମି ନଗର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା, ଜଗନ୍ନାଥ ପ୍ରେମୀ ତଥା ଇମାମି ଗ୍ରୁପ୍‌ର ଯୁଗ୍ମ ଅଧ୍ୟକ୍ଷ ରାଧେଶ୍ୟାମ ଗୋଏଙ୍କା ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଇମାମି ନଗର ଜଗନ୍ନାଥ ମନ୍ଦିରରେ ଉପସ୍ଥିତ ରହି ଷାଠିଏ ଗୋଟି ବିଭିନ୍ନ କିସମର ଫଳଚାରା ପ୍ରଦାନ କରିଛନ୍ତି। ଏହି ଫଳ ଚାରାମାନ ଜଗନ୍ନାଥଙ୍କ ମନ୍ଦିର ତଥା ଇମାମି କଲୋନୀରେ ରୋପଣ କରାଯାଇଥିଲା। ଏହି ନିରାଡମ୍ବର କାର୍ଯ୍ୟକ୍ରମରେ ସ୍ଥାନୀୟ ଇମାମି ପେପର ମିଲ୍ସ ଉପ ସଭାପତି ଚନ୍ଦ୍ରେଶ ଗୁପ୍ତା, ଅତିରିକ୍ତ ଉପସଭାପତି ଇ. ରାଜେଶ ମିତ୍ତଲ, ଡି ଜି ଏମ ଦେବବ୍ରତ ହୋତା, ରମେଶ ଖୁଣ୍ଟିଆ, ଆର କେ କୁଣ୍ଡ, ବିଚିତ୍ର ସ୍ୱାଇଁ, ଜିତେନ୍ଦ୍ର ମହାପାତ୍ର, ବଡ଼ ପଣ୍ଡା ପ୍ରଦୀପ୍ତ କୁମାର ମିଶ୍ର, ନିଖିଳ ରଞ୍ଜନ ଦାସ ସାମନ୍ତରାୟ, ବିନୋଦ କୁମାର ଜେନା, ଆଶିଷ ସେନ, ନିତ୍ୟାନନ୍ଦ ମହାନ୍ତି, ଓମ ପ୍ରକାଶ ଶର୍ମା, ଗୁରୁପ୍ରସାଦ ନନ୍ଦ, ମନୋଜ କୁମାର ମହାନ୍ତି, ପଦ୍ମଲୋଚନ ନାୟକ, ରିତେଶ ସିଂ, ଜ୍ୟୋତି ପ୍ରକାଶ ବେହେରା, ଭବାନନ୍ଦ ଶତପଥୀ ଲେଡିଜ କ୍ଲବର ସମସ୍ତ ସଦସ୍ୟା ତଥା ବହୁ ପଦାଧିକାରୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

### ୧୦ମ ପଟିଦିଅଁ ଅଙ୍କନ ଉତ୍ସବ ସମାପନ

# ୬ଟି ଜଗନ୍ନାଥ ମନ୍ଦିରକୁ ପଟିଦିଅଁ ବିଜେ

ବାଲେଶ୍ୱର, ୨୩।୬(ସମିସ):



ସ୍ଥାନୀୟ ବାମପଦାସ୍ଥିତ ନୋସି ଉତ୍କଳା ଶିଳ୍ପଗ୍ରାମ ପରିସରରେ ନୋସି କଲଚ୍ୟୁରାଲ ଏକାଡେମି ଦ୍ୱାରା ଆୟୋଜିତ ୧୦ମ ପଟିଦିଅଁ ଅଙ୍କନ ଉତ୍ସବ ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଯଥାବିଧି ସମାପନ ହୋଇଯାଇଛି। ୨୦ ଜଣ ଚିତ୍ରକର ପଟିଦିଅଁ ଅଙ୍କନ ସେବାରେ ନିୟୋଜିତ ହୋଇ ଗତ ୧୭ ତାରିଖରୁ ପାରମ୍ପରିକ ରୀତିରେ ନୀଳଗିରି, ଶାସଙ୍ଗ, ଜୟଦେବ କସବା, ରେମୁଣା, ଗଣେଶ୍ୱରପୁର ଓ ଦୁବଲାଗଡ଼ି ଜଗନ୍ନାଥ ମନ୍ଦିର ପାଇଁ ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ ଓ ମାଆ ଭୁବନେଶ୍ୱରୀଙ୍କ ପଟିଦିଅଁ ଅଙ୍କନ କରିଥିବା ବେଳେ ଆଠଜଣ ଶିଶୁ ଚିତ୍ରକରଙ୍କୁ ପଟ୍ଟଚିତ୍ର ପ୍ରଶିକ୍ଷକମାନେ ଉତ୍କଳୀୟ ପଟ୍ଟଚିତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଅତିଥି ଓ ଆଲୋଚକମାନଙ୍କ ଦ୍ୱାରା ପଟିଦିଅଁ ଓ ପଟ୍ଟଚିତ୍ର ବିଷୟରେ ଆଲୋଚନା ସହ ଜଗନ୍ନାଥ ଜଣାଣ, ଭଜନ, ନୃତ୍ୟ ଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଅପରାହ୍ନରେ ଚିତ୍ରକରମାନଙ୍କ ଦ୍ୱାରା ତିନି ପଟିଦିଅଁଙ୍କୁ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ପୂର୍ବୋକ୍ତ ଜଗନ୍ନାଥ ମନ୍ଦିରରୁ ପୂଜକମାନେ ମନ୍ଦିରରୁ ଆଜ୍ଞାମାଳ ସହ ତୁରୀଭେରୀ, ଖୋଳ କରତାଳ ଧରି ପଟିଦିଅଁ ବିଜେ ଉତ୍ସବରେ ଯୋଗ ଦେଇଥିଲେ। ଦେବସ୍ନାନ ପୂର୍ଣ୍ଣିମା ମଧ୍ୟରାତ୍ରରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିରର ରତ୍ନବେଦୀ ସମ୍ମୁଖରେ ଯଥାବିଧି ପୂଜା ପାଇବେ ଓ ଭକ୍ତମାନେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପବିତ୍ର ଓ ପୂର୍ଣ୍ଣ ରୂପ ଦର୍ଶନ କରିବାର ସୁଯୋଗ ପାଇବେ। ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ପାଇ ସ୍ୱୀକୃତି ଗ୍ରହଣ କରିଥିବା ତିନିଜଣ ଚିତ୍ରକର ଶିଳ୍ପୀ କେଶୁ ଦାସ, ଦେବାଶିଷ ପତି ଓ ଭବାନୀ ଶଙ୍କର ନାୟକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବାବେଳେ ଚିତ୍ରକର ଅରୁଣ ବାରିକ, ଧନଞ୍ଜୟ ଧଳ, ଗଦାଧର ମହାନ୍ତି, ପପୁନ ପ୍ରଧାନ, ଯଶସ୍ୱୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ପିପିଲିର ବିଶିଷ୍ଟ ପଟ୍ଟଚିତ୍ର ଗୁରୁ ମାଆ ସଞ୍ଜୁକ୍ତା ଦାସ, ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ ପ୍ରମୁଖ ପଟ୍ଟଚିତ୍ର ପ୍ରଶିକ୍ଷଣ ଶିବିର କୁ ସୁଚାରୁରୂପେ ପରିଚାଳନା କରିଥିଲେ। ଅତିଥି ଓ ଆଲୋଚକ ଭାବରେ ନୀଳଗିରି ରାଜବଂଶର ରାଜା ଜୟନ୍ତ ମର୍ଦ୍ଦରାଜ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସୁବ୍ରତ ନାୟକ, ଭଗବାନ ଦାସ ଖଣ୍ଡେଲଓ୍ୱାଲ, ଅଧ୍ୟାପକ ପ୍ରଦୀପ୍ତ ମିଶ୍ର, ପ୍ରଶାନ୍ତ ପଟେଲ, ସଞ୍ଜୁକ୍ତା ଦାସ, ମରୁତ ରାଉତ, ପ୍ରତାପ ରାଉତ, ପ୍ରୀତମନାୟକ, ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ କୁମାର ସୋମୁ, କୁମାର ଅତନୁ, କୁମାର ଆର୍ଯ୍ୟ, ସମ୍ବଲପୁରୀ ନୃତ୍ୟ ଶିଳ୍ପୀ ମାନସୀ ମାଝି, ସ୍ୱପ୍ନା ସିଂ, ହିରଣ୍ମୟୀ ଦାସ ଓ ଓଡ଼ିଶୀ ନୃତ୍ୟ ଶିଳ୍ପୀ ପ୍ରଜ୍ଞା ପାରମିତା ମାହାର୍ଣ୍ଣା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟ ଉତ୍ସବ ପରିଚାଳନା କମିଟି ଗଠିତ



ବାଲେଶ୍ୱର, ୨୩।୬ (ସମିସ): ୭୦ ଦଶକରେ ରେମୁଣା ଅଞ୍ଚଳରେ ପ୍ରତିଷ୍ଠିତ ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟ ୫୦ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ୫୦ ବର୍ଷର ଏହି ଗୌରବମୟ ଯାତ୍ରାକୁ ସ୍ମରଣୀୟ କରିବା ଲାଗି ପୁରାତନ ଛାତ୍ରଛାତ୍ରୀ ଆଗେଇ ଆସିଛନ୍ତି। ଏହି କ୍ରମରେ ରବିବାର ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ପରିଚାଳନା ଲାଗି କମିଟି ଉପସ୍ଥିତ ପୁରାତନ ଛାତ୍ରଛାତ୍ରୀଙ୍କ ଅନୁମୋଦନ କ୍ରମେ ଗଠିତ ହୋଇଯାଇଛି। ୧୯୭୯ ବ୍ୟାଚର ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ସାମଲଙ୍କ ସଭାପତି, ୧୯୯୩ ବ୍ୟାଚର ଛାତ୍ର ରାଧାରଞ୍ଜନ ଦାସଙ୍କ ସମ୍ପାଦକ ଓ ୨୦୦୬ ବ୍ୟାଚର ଛାତ୍ର ତାପସ ରଞ୍ଜନ ରଥଙ୍କୁ ଆବାହକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସଭାପତିଙ୍କ ଲାଗି ବିନୋଦ କୁମାର ଦାସ ପ୍ରସ୍ତାବ ଆଗତ କରିଥିବାବେଳେ ବସନ୍ତ ପ୍ରଧାନ ସମର୍ଥନ କରିଥିଲେ। ସମ୍ପାଦକଙ୍କ ଲାଗି ଚିତ୍ତରଞ୍ଜନ ଦାସ ପ୍ରସ୍ତାବ ଆଗତ କରିଥିବା ବେଳେ ମୁରଲୀଧର ଦାସ ସମର୍ଥନ କରିଥିଲେ ଓ ଆବାହକଙ୍କ ଲାଗି ଅନନ୍ତ ମହାର୍ଣ୍ଣା ପ୍ରସ୍ତାବ ଆଗତ କରିଥିବା ବେଳେ ରାଧାରଞ୍ଜନ ଦାସ ସମର୍ଥନ କରିଥିଲେ। ପରବର୍ତ୍ତୀ ବୈଠକ ଜୁଲାଇ ୧୪ ତାରିଖ ରବିବାର ସକାଳ ୯ ଘଟିକା ସମୟରେ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଭୋଗରାଇ ବିଧାୟକଙ୍କ ହସ୍ତକ୍ଷେପ ପରେ ପ୍ରତିଶ୍ରୁତି ଦେଲା ପୂର୍ତ୍ତ ବିଭାଗ

# ୧୦ ଦିନରେ ନୂଆ କୋଠାକୁ ସ୍ଥାନାନ୍ତର ହେବ ଆଦର୍ଶ ବିଦ୍ୟାଳୟ

ଭୋଗରାଇ, ୨୩।୬ (ସମିସ):

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଠିଥଭଉଁରୀ ପଞ୍ଚାୟତରେ ଅଢେଇ ବର୍ଷ ଧରି ଚାଲିଥିବା ଆଦର୍ଶ ବିଦ୍ୟାଳୟର ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଏହାକୁ ନେଇ ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷାବିତମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ତେବେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ହସ୍ତକ୍ଷେପ ଫଳରେ ଆଗାମୀ ୧୦ଦିନ ମଧ୍ୟରେ ନବନିର୍ମିତ ବିଦ୍ୟାଳୟର କୋଠାକୁ ସ୍ଥାନାନ୍ତରିତ ହେବ ବୋଲି ନିର୍ମାଣ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗ ପ୍ରତିଶ୍ରୁତି ଦେଇଛି। ବିଧାୟକ ଶ୍ରୀ ଦାସ ଗତ ଶନିବାର କାଁଥିଭଉଁରୀ ପଞ୍ଚାୟତକୁ ଯାଇଥିବା ବେଳେ ଆଦର୍ଶ ବିଦ୍ୟାଳୟର ନବନିର୍ମିତ ସ୍କୁଲ ଗୃହ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଏବଂ ଗ୍ରାମବାସୀଙ୍କ ନିକଟରୁ ଅବଗତ ହୋଇଥିଲେ ଏବଂ ଏହାର ପ୍ରତିକାର ପାଇଁ ସେଠାରେ ଉପସ୍ଥିତ ଥିବା ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଆନୁସଙ୍ଗିକ ବ୍ୟବସ୍ଥା ହେଲା ପରେ ନବନିର୍ମିତ ସ୍କୁଲ ବିଲ୍ଡିଂରେ ପାଠପଢ଼ା ଆରମ୍ଭ କରିବାକୁ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ ଛାତ୍ରବାସ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହେଉଥିବା ନିମ୍ନମାନର ବାଲି ତଥା ଅନ୍ୟାନ୍ୟ ସାମଗ୍ରୀ ବିଷୟରେ ବାରମ୍ବାର ଅଭିଯୋଗ ହେଉଥିବାରୁ ତୁରନ୍ତ ତାହାକୁ ବଦଳାଇ ଉତ୍ତମ ମାନର ସାମଗ୍ରୀ ବ୍ୟବହାର କରିବାକୁ ବିଧାୟକ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଛାତ୍ରଛାତ୍ରୀମାନେ ବସି ପାଠ ପଢ଼ିବା ପାଇଁ ଆବଶ୍ୟକୀୟ ବ୍ୟାଞ୍ଚ, ଡେସ୍କର ବ୍ୟବସ୍ଥା କରିବା ପାଇଁ ଭୋଗରାଇ ବିଡିଓଙ୍କ ସହ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ ଯେ, ଉକ୍ତ ଆଦର୍ଶ ବିଦ୍ୟାଳୟ ରେ ଭର୍ତ୍ତି ହୋଇଥିବା ଛାତ୍ର ଛାତ୍ରୀ ମାନେ ୨ ବର୍ଷ ହେଲା ସ୍ଥାନୀୟ ବହୁମୁଖୀ ବାତ୍ୟାଆଶ୍ରୟସ୍ଥଳୀରେ ଛାତ୍ରଛାତ୍ରୀମାନେ ତଳେ ବସି ଦୟନୀୟ ଅବସ୍ଥାରେ ଦେଇ ପାଠ ପଢ଼ୁଛନ୍ତି। ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ପାଇଁ ୭ କୋଟି ୮ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ୨୦୨୧ ମସିହା ନଭେମ୍ବର ୨୬ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିଥିଲେ। ପୂର୍ତ୍ତବିଭାଗକୁ ଏହାର ନିର୍ମାଣ କାର୍ଯ୍ୟର ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଆଦର୍ଶ ବିଦ୍ୟାଳୟ ବିଲଡିଂ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ସେହିପରି ବହୁ ପୂର୍ବରୁ ଶିଳାନ୍ୟାସ ହୋଇଥିବା ୭ କୋଟି ବ୍ୟୟ ଅଟକଳ ମୂଲ୍ୟର ବାଳିକା ଛାତ୍ରବାସର ଗୃହ ନିର୍ମାଣ କାର୍ଯ୍ୟ ମାତ୍ର ଆରମ୍ଭ ହୋଇଛି ଯାହା ମନ୍ଥର ଗତିରେ ହେଉଛି। ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ଭୋଗରାଇ ବ୍ଲକର ଶେଷ ସୀମା ରେ ହୋଇ ଥିବାରୁ ବହୁ ଦୂରଦୂରାନ୍ତରୁ ଛାତ୍ର ଛାତ୍ରୀ ଏଠାକୁ ପାଠ ପଢ଼ିବାକୁ ଆସନ୍ତି ମାତ୍ର ପ୍ରତ୍ୟେକ ଦିନ ଯିବା ଆସିବାରେ ଖର୍ଚ୍ଚାନ୍ତ ପୁଣି ହଇରାଣ ହରକତ ହେବାକୁ ପଡୁଛି। ଅନ୍ୟ ପକ୍ଷରେ ଛାତ୍ରବାସ ନ ଥିବାରୁ ପିଲାମାନେ ରହିବାର ସମସ୍ୟା ଦେଖାଦେଇଛି। ବିଧାୟକ ଶ୍ରୀ ଦାସଙ୍କ ସହ ବ୍ଲକ ଅଧ୍ୟକ୍ଷ ପ୍ରବୀର ଗିରି, ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଅନୀଲ କୁମାର ଦାସ, କାନ୍ଠିଥଭଉଁରୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, , ସମିତି ସଦସ୍ୟ ପ୍ରଦୀପ କୁମାର ଦାସ, ସମାଜସେବୀ ସୁଶାନ୍ତ ନାୟକ, ଅଜିତ ପାତ୍ର, ଗୁଣାକର ମାଝୀ, ମମତା ଭୋଳ, ରବୀନ୍ଦ୍ର ପାତ୍ର, ହରିପଦ ମହାନ୍ତି ପ୍ରମୁଖ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।



# ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର



ବାଲେଶ୍ୱର, ୨୩।୬(ସମିସ): ବର୍ତ୍ତମାନ ସମୟରେ ରକ୍ତ ଅଭାବ ରହିଥିବା ବେଳେ ଥାଲାସେମିଆ ରୋଗୀମାନେ ବେଶି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତ ସଂଗ୍ରହ ନିମନ୍ତେ ଶ୍ରୀରାଜ ମେମୋରିଆଲ ହସ୍ପିଟାଲ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସଦର ବିଧାୟକ ମାନସ କୁମାର ଦତ୍ତ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରି ହସ୍ପିଟାଲର ସମସ୍ତ କର୍ମଚାରୀବୃନ୍ଦଙ୍କୁ ପ୍ରଶଂସା କରିବା ସହ ଶିବିର ଆୟୋଜନକୁ ନେଇ ଖୁସିବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଶାନ୍ତ ଦାସ, ଇଂ ହୃଷିକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହସ୍ପିଟାଲରଅପରେସନାଲ୍ ହେଡ୍ ଋଷିକେଶ ପଣ୍ଡା ଏହି ରକ୍ତଦାନ ଶିବିର ଉପରେ ବିଶେଷ ଆଲୋକପାତ କରିଥିବା ବେଳେ ରକ୍ତଦାନର ମହତ୍ତ୍ୱ ଉପରେ ବୁଝାଇ କହିଥିଲେ। ଏହି ରକ୍ତଦାନ ଶିବିରର ସଫଳତାକୁ ନେଇ ହସ୍ପିଟାଲର ନିର୍ଦ୍ଦେଶକ ବିବେକାନନ୍ଦ ମିଶ୍ର ସମସ୍ତ ଆୟୋଜକ ଓ କର୍ମଚାରୀବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ନିକୁଞ୍ଜ ଘୋଷଙ୍କ କାବ୍ୟ 'ମୁଠାଏ ତଣ୍ଡୁଳ' ଉନ୍ମୋଚିତ



ଜଳେଶ୍ୱର ବ୍ଲକ, ୨୩।୬ (ସମିସ): ଜଳେଶ୍ୱରର ସାରସ୍ୱତ ସାଧକ, କବି ନିକୁଞ୍ଜ କୁମାର ଘୋଷଙ୍କ ରଚିତ କାବ୍ୟ 'ମୁଠାଏ ତଣ୍ଡୁଳ' ପୁସ୍ତକଟି ରବିବାର ଦିନ ସଂଯୋଗୀ ସାହିତ୍ୟ ସଂସଦ, ଘଟଗାଁ, କେନ୍ଦୁଝର ଜିଲ୍ଲାର ତାରିଣୀ ଠାକୁରାଣୀ ମହାବିଦ୍ୟାଳୟ, ଘଟଗାଁଠାରେ ଉନ୍ମୋଚିତ ହୋଇ ଯାଇଛି। ସଭାରେ ଉପସ୍ଥିତ ମୁଖ୍ୟ ଅତିଥି ବୈଷ୍ଣବ ଚରଣ ସାମଲ (ଅବସରପ୍ରାପ୍ତ ଅଧ୍ୟାପକ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ବିଶ୍ୱଭାରତୀ, ଶାନ୍ତି ନିକେତନ, ପଶ୍ଚିମବଙ୍ଗ) ଏବଂ ମୁଖ୍ୟ ବକ୍ତା ଡ. ଚିତ୍ତରଞ୍ଜନ ବେହେରାଙ୍କ କର କମଳରେ କାବ୍ୟ ପୁସ୍ତକଟି ଉନ୍ମୋଚିତ ହେବା ସମୟରେ ସଂସଦର ସଭାପତି ଉପେନ୍ଦ୍ର ଦାଶ, ମୁଖ୍ୟ ସମ୍ପାଦକ ସନ୍ତୋଷ କୁମାର ପତି, ସମ୍ପାଦକ ବାବୁଲାଲ ପଲେଇ, ରାଜ୍ୟ ସଞ୍ଚାଳକ ହୃଷୀକେଶ ଦାଶ ମଞ୍ଚ ପରିଚାଳକ ଶାନ୍ତନୁ କୁମାର ମହାପାତ୍ର ଏବଂ ଅନ୍ୟ ଅତିଥି ମାନେ ହେଲେ ରସିକ ଚନ୍ଦ୍ର ବେହେରା, ରାମକୃଷ୍ଣ ଦାଶ, କୈଳାସ ଚନ୍ଦ୍ର ତନ୍ତି, ଅର୍ଜୁନ ଚରଣ ବେହେରା ଉପସ୍ଥିତ ରହି କାବ୍ୟର ସମୀକ୍ଷା ମୂଳକ ମନ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଏହି କାବ୍ୟ ପୁସ୍ତକର ପ୍ରକାଶନର ସମସ୍ତ ଦାୟିତ୍ୱ 'ସଂଯୋଗୀ ସାହିତ୍ୟ ସଂସଦ' ବହନ କରି ଥିବାରୁ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇବା ସହ କାବ୍ୟକାର ନିକୁଞ୍ଜ ଘୋଷ ଉକ୍ତ କାବ୍ୟ ପୁସ୍ତକ ପାଇଁ ସମସ୍ତଙ୍କ ଆଶୀର୍ବାଦ କାମନା କରିଥିଲେ। ଜଳେଶ୍ୱର ଅଞ୍ଚଳର ଗର୍ବ କବି ନିକୁଞ୍ଜ କୁମାର ଘୋଷ ଏଯାବତ ପାଞ୍ଚଟି ନାଟକ, ଦୁଇଟି କବିତା ସଙ୍କଳନ ଏବଂ ଗୋଟିଏ କାବ୍ୟ ଲେଖି ସାରସ୍ୱତ ଜଗତରେ ନିଜର ନିରବଚ୍ଛିନ୍ନ ସାଧନା ପ୍ରତିପାଦନ କରିଛନ୍ତି।କବି ଶ୍ରୀ ଘୋଷ ତେର ବର୍ଷ ବୟସରେ ଏକ ସ୍ୱତସ୍ଫୂର୍ତ୍ତ କବିତା ଲେଖି ସାରସ୍ୱତ କ୍ଷେତ୍ରରେ ପାଦ ଥାପିଥିଲେ।ଏବେ ଏବେ କବିଙ୍କ ପ୍ରକାଶିତ କାବ୍ୟ 'ମୁଠାଏ ତଣ୍ଡୁଳ' ପୁସ୍ତକଟିରେ ପନ୍ଦରଟି ଅଧ୍ୟାୟକୁ ଷୋହଳ ପ୍ରକାର ରାଗ ରାଗିଣୀରେ ରଚନା କରି ଥିବାରୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି ଏବଂ ଅନୁଷ୍ଠାନ ମଧ୍ୟ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା କବି ଶ୍ରୀ ଘୋଷଙ୍କୁ 'ସଂଯୋଗୀ ସୃଜନୀ ସମ୍ମାନ' ପ୍ରଦାନ କରିଥିଲେ। ଏଣୁ କବି ଶ୍ରୀ ଘୋଷଙ୍କ ଏହିପରି କୃତିତ୍ୱ ଯେ ସାରସ୍ୱତ କ୍ଷେତ୍ରରେ ଜଳେଶ୍ୱରର ଅବଦାନକୁ ଆଉ ପାଦେ ଆଗକୁ ନେଇଯିବାରେ ସଫଳ ଭୂମିକା ଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

# ଯୁବକଙ୍କ ମୁଣ୍ଡରେ ବୋତଲ ମାଡ଼କରି ଅଭିଯୁକ୍ତ ଗିରଫ

ଚୌକି/ଶ୍ରଦ୍ଧାପୁର, ୨୩।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କାନ୍ଠିଥଭଉଁରୀ ଗ୍ରାମ ପଞ୍ଚାୟତ ଅଧିନ ସେହି ଗ୍ରାମରେ ଚଳିତ ମାସ ଗତ ୨୦ ତାରିଖ ଗୁରୁବାର ସନ୍ଧ୍ୟାରେ ଏକ ରାଜନୈତିକ ଘଟଣାରୁ ଯୁକ୍ତିତର୍କ ହୋଇ ଥଣ୍ଡା ମୃଦୁ ପାନୀୟ ବୋତଲରେ ମୁଣ୍ଡରେ ଆଘାତ କରିବାରୁ ଯୁବକ ଜଣଙ୍କ ରକ୍ତାକ୍ତ ହୋଇ ଗୁରୁତର ଆହତ ହେବା ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ, କାନ୍ଠିଥ ଭଉଁରୀ ଗ୍ରାମଠାରେ ଗତ ଗୁରୁବାର ସନ୍ଧ୍ୟାରେ ଜଳେନ୍ଦ୍ର ଦେଙ୍କ ପୁଅ କାର୍ତ୍ତିକ ଚନ୍ଦ୍ର ଦେ (୨୬) ଓ ସେହି ଗ୍ରାମର ରବୀନ୍ଦ୍ର ସେଠୀଙ୍କ ପୁଅ ମଣ୍ଟୁ ସେଠୀ(୨୬)ଙ୍କ ମଧ୍ୟରେ ଏକ ରାଜନୈତିକ ଘଟଣାକୁ କେନ୍ଦ୍ରକରି ଯୁକ୍ତିତର୍କ ହେବାରୁ ଏଥିରେ ଉତକ୍ଷିପ୍ତ ହୋଇ ମଣ୍ଟୁ କାର୍ତ୍ତିକଙ୍କ ମୁଣ୍ଡରେ ଏକ ଥଣ୍ଡା ମୃଦୁ ପାନୀୟ ବୋତଲରେ ଆଘାତ କରିବାରୁ କାର୍ତ୍ତିକଙ୍କର ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବାରୁ ସେ ଗୁରୁତର ଆହତ ହୋଇ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ପରେ ଚନ୍ଦନେଶ୍ୱର ପୁଲିସ ଫାଣ୍ଡିରେ ମଣ୍ଟୁଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଉକ୍ତ ଘଟଣାର ତଦନ୍ତ କରି ମଣ୍ଟୁ ସେଠୀଙ୍କୁ ରବିବାର ଗିରଫ କରି ୨୮୧/୨୪ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛି।



# ବଙ୍ଗୀୟ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚୌକି, ୨୩।୬ (ସମିସ): ବାଲେଶ୍ୱର ଜିଲ୍ଲା ତାଳସାରି ସାମୁଦ୍ରିକ ଥାନା ଅନ୍ତର୍ଗତ ସାହାବାଜିପୁର ଗ୍ରାମର ରେଣୁକା ପ୍ରଧାନଙ୍କ ଘରେ ଘର ଭଡ଼ା ନେଇ ରହୁଥିବା ଜଣେ ବଙ୍ଗୀୟ ଯୁବକଙ୍କ ମୃତଦେହ ବନ୍ଦ କୋଠରୀ ଭିତରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ମୁତାବକ, ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ସିଦ୍ରାଣୀ ଥାନା ଅନ୍ତର୍ଗତ କୁଠିବାଡ଼ି ଗ୍ରାମର ରେଖା ହାଲଦାରଙ୍କ ପୁଅ ମନୋଜିତ ହାଲଦାର(୩୫) ଓ ପୂର୍ବ ମେଦିନୀପୁର ଜିଲ୍ଲାର ଲଛୁବର ଗ୍ରାମର ଗୌର ଦାସଙ୍କ ପୁଅ ଶିବପ୍ରସାଦ ଦାସ(୩୦) ସାହାବାଜିପୁର ଗ୍ରାମର ରେଣୁକା ପ୍ରଧାନଙ୍କ ଘର ଭଡ଼ା ନେଇ ରହୁଥିଲେ। ବିଭିନ୍ନ ସମୟରେ ଯୁବତୀମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ଥିବା ହୋଟେଲ ମାନଙ୍କରେ ଅନୈତିକ କାର୍ଯ୍ୟରେ ଲିପ୍ତ କରାଉଥିବା ଅଭିଯୋଗ ହେଉଥିଲା। ଗତ ଶନିବାର ମନୋଜିତଙ୍କ ସହଯୋଗୀ ଶିବପ୍ରସାଦ କେଉଁ ଆଡେ ଚାଲି ଯାଇଥିବା ବେଳେ ରବିବାର ସକାଳେ ଘର ମାଲିକାଣି ରେଣୁକା ପ୍ରଧାନ ମନୋଜିତଙ୍କ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ତାଳସାରି ସାମୁଦ୍ରିକ ଥାନା ପୁଲିସକୁ ଖବର ଦେଇଥିଲେ। ତାଳସାରି ସାମୁଦ୍ରିକ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବନ୍ଦ କୋଠରୀ ଭିତରୁ ମ୍ୟାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭୋଗରାଇ ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁଙ୍କ ଉପସ୍ଥିତିରେ ଘରର କବାଟ ଖୋଲି ଶବକୁ ଜବତ କରିବା ସହିତ ୦୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ଭୋଗରାଇ/ଚୌକି, ୨୩।୬(ସମିସ) : ଭୋଗରାଇ ବ୍ଲକ ଥାନାଛକ କମ୍ୟୁନିଟି ସେଣ୍ଟର ଠାରେ ଆଜି ଭୋଗରାଇ ବିଜେପି ସଂଗଠନ ପକ୍ଷରୁ ଦଳର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଅଛି। ବିଜେପି ନେତା ଆଶିଷ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ପ୍ରତିନିଧି ଅଂଶୁମାନ ମହାନ୍ତି, ଅମଳେନ୍ଦୁ ଶେଖର ଦାସ, ସଞ୍ଜୀବ ସାହୁ, ରାଜକୁମାର ଦାସ, ଦିଲୀପ କାମିଲା, ସୁନିଲ୍ କର, ଗୋପାଳ ପଣ୍ଡା, ସୁବାଷ ଚାନ୍ଦ, ବ୍ରଜକିଶୋର ମହାନ୍ତି, ରାଧାକାନ୍ତ ପ୍ରଧାନ, ରଞ୍ଜନ ପାତ୍ର, ମଣିକିଙ୍କର ନାୟକ, ପରମାନନ୍ଦ ପରିଡ଼ା, କ୍ୟାପଟେନ ଅଶୋକ ଦାସ ପ୍ରମୁଖ ଦଳର କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ ଡକ୍ଟର ମୁଖାର୍ଜୀଙ୍କ ଜୀବନୀ ଓ ଦେଶପ୍ରେମ କଥା ବଖାଣି ଥିଲେ। ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ଥିଲେ।ସେ ଭାରତ ଜଙ୍ଗସନ ନାମରେ ଏକ ଦଳ ଗଠନ କରିଥିଲେ।ସେହି ଦଳ ଆଜି ଭାରତୀୟ ଜନତା ପାର୍ଟି ନାମରେ ସମଗ୍ର ଭାରତବର୍ଷରେ ଶାସନ କରୁଅଛି ବୋଲି କହିଥିଲେ। ଶେଷରେ ଶକ୍ତିପଦ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋକ ଆକ୍ରମଣରେ ୨ ଗୁରୁତର

ସୋର, ୨୩।୬(ସମିସ): ସୋରରେ ମହୁରୋଳ ପୋକ ଆକ୍ରମଣରେ ଦୁଇ ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୋର ବ୍ଲକ ନିଶ୍ଚିତପୁର ପଞ୍ଚାୟତ ଦଳସିଂପାଟଣା ଗ୍ରାମର ମଦନ ପାତ୍ର ଓ ପଦ୍ମାବତୀ ସାହୁ ଉଭୟ ବାଡ଼ିରେ ବାଡ଼ ବୁଜୁଥିଲେ। ଏହି ସମୟରେ ପାଖରେ ଥିବା ଏକ ଗଛରେ ମହୁରୋଳ ପୋକ ବସା ଥିବା ବେଳେ ଜାଣିନପାରି କାଟିବା ସମୟରେ ମହୁରୋଳ ପୋକମାନେ ଉଭୟଙ୍କୁ ଗୋଡ଼େଇ ଆକ୍ରମଣ କରିଥିଲେ। ଉଭୟଙ୍କ ଚିତ୍କାର କରି ଦୌଡ଼ିବୁଲୁଥିବା ସମୟରେ ଜାଣିପାରି ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବା ବେଳେ ସେଠାରେ ଉଭୟ ଚିକିତ୍ସାଧୀନ ଅଛନ୍ତି।

ଦୁର୍ଘଟଣାରେ ଶ୍ରମିକ ମୃତ

# ଗାଡ଼ି ଭଙ୍ଗାରୁଜା, ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ



ଖଇରା, ୨୩।୬ (ସମିସ): କୁପାରୀ ରାଣିତାଲ ରାସ୍ତାର ଖଇରା ଥାନା ଅଧୀନ ପାଣିଛତ୍ର ଛକ ନିକଟରେ ରବିବାର ଅପରାହ୍ନରେ ଏକ ବୋଲେରୋ ସନାତନ ମହାନ୍ତି(୫୮) ନାମକ ଶ୍ରମିକଙ୍କୁ ଧକ୍କା ଦେବା ଯୋଗୁଁ ସନାତନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଗ୍ରାମବାସୀମାନେ ବୋଲେରୋକୁ ଭଙ୍ଗାରୁଜା କରିବା ସହ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି ରେ ପାଣିଛତ୍ର ଛକରେ ଟାୟାର ଜାଳି ରାସ୍ତାକୁ ଅବରୋଧ କରିଛନ୍ତି। ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ପାଇଁ ଉଦ୍ୟମ ଜାରି ରଖିଛି। ଅପରାହ୍ନରେ ସନାତନ କାମରୁ ଫେରି ରାସ୍ତା ପାର ହୋଇ ଅପରପାର୍ଶ୍ୱରେ ଥିବା ଘରକୁ ଯାଉଥିବା ବେଳେ ଧୋବାଗଡ଼ିଆରୁ ରାଣିତାଲ ଅଭିମୁଖେ ଯାଉଥିବା ବୋଲେରୋ ଧକ୍କା ଦେଇ କିଛି ବାଟ ଘୋଷାରି ନେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

# ଦିନତମାମ ଜେସିବିରେ ଘାଣ୍ଟିଲେ, ନିଖୋଜ ମା'ଙ୍କ ପତ୍ତା ମିଳିଲାନି

ଖଇରା, ୨୩।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଗ୍ରାମରେ ସମ୍ପତ୍ତି ପାଇଁ ରମେଶ ବେହେରା ନାମକ ପୁଅ ମା ବାପାଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ଶନିବାର ବାପା ପ୍ରଭାକର ବେହେରା ଙ୍କର ମୃତଦେହ ଘରପାଖ ସାରୁଖାଲରୁ ମିଳିଥିଲେ ହେଁ ମା' ଚମ୍ପାବତୀ ବେହେରାଙ୍କର ପତ୍ତା ଅଦ୍ୟାବଧି ମିଳି ପାରିନି। ସିମୁଳିଆ ପୁଲିସ ରବିବାର ଦିନତମାମ ଜେସିବି ଲଗାଇ ବିଭିନ୍ନ ସ୍ଥାନରେ ଖୋଳାଖୋଳି କରିଥିଲେ ହେଁ ଖାଲି ହାତରେ ଫେରିଛି। ସେପଟେ ଅଭିଯୋଗକୁ ୩ଦିନ ବିତିଯାଇଥିଲେ ହେଁ ହତ୍ୟାକାରୀ ଫେରାର ପୁଅ ରମେଶକୁ ଠାବ କରିବାରେ ସିମୁଳିଆ ପୁଲିସକୁ ସଫଳତା ମିଳିପାରୁନି।

भारत सरकार • अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

संक्षिप्त ई–निविदा सूचना / Brief E-TENDER NOTICE

ई–निविदा सूचना सं. / e- Tender Notice No:SHAR/CMD/E/B 2487202/2024-25 Corrigendum तिथि/ Date. 21.06.2024

भारत के राष्ट्रपति की ओर से, "चांदीपुर, उड़ीसा में पर्यावरणीय एवं अंतरिक्ष अनुसंधान सुविधा (एएसआरएफ)। (विद्युत कार्य)।" (अनुमानित लागत: ₹297.54 लाख के लिए ई–निविदा के माध्यम से मद दर निविदाएं आमंत्रित की जाती हैं। निविदा दस्तावेज 30.06.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जा सकते हैं।

On behalf of President of India, Item Rate tenders are invited through e-tendering for "Atmospheric and Space Research Facility (ASRF) at Chandipur, Odisha. (Electrical works)" (Estimated cost: ₹297.54 Lakhs). Tender documents can be downloaded up to 30.06.2024 , 14:30 hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR

# ଠାକୁରଙ୍କ ଅଣସର ନୀତି ଆରମ୍ଭ; ପୂଜା ପାଉଛନ୍ତି ପଟିଦିଅଁ



**ହାତୀ ଦ୍ୱାର ଦେଇ ପ୍ରବେଶ କରୁଛନ୍ତି ଶ୍ରଦ୍ଧାଳୁ**

**ବାରିପଦା, ୨୩।୬(ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ଅଣସର ନୀତି ଆରମ୍ଭ ପାଇଁ ୧୪ ଦିନ ମହାପ୍ରଭୁଙ୍କ ନିତ୍ୟାନି ପୂଜା ବନ୍ଦ ରହିଛି। ତାଙ୍କ ସ୍ଥାନରେ ଜୟବିଜୟ ଦ୍ୱାର ମୁହଁରେ ଚିତ୍ରକରଙ୍କ ଘରୁ ଅଣାଯାଇଥିବା ପଟି ଦିଅଁଙ୍କ ପୂଜା ନୀତି ଚାଲିଛି। ଶ୍ରୀବଳଭଦ୍ରଙ୍କ ସ୍ଥାନରେ ବାସୁଦେବ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ନାରାୟଣ ପଟିଦିଅଁଙ୍କଠାରେ ସକାଳ ଧୂପ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଆରତୀ ଓ ରାତ୍ରି ଧୂପ ଚାଲିଛି। ଏଥିସହିତ ଉଖୁଡ଼ା ଓ ମିଠା ସହ ବିଭିନ୍ନ ଫଳ ଏବଂ ଦ୍ୱିପ୍ରହରରେ ଅନ୍ନ ଡାଲି ବ୍ୟଞ୍ଜନ ଆଦି ପ୍ରସାଦ ଲାଗୁଛି। ଅଣସରରେ ଥିବା ଠାକୁରଙ୍କଠାରେ ପାଳୁଅ, ସଲା, ଗଜା ମୁଗ, ଦହି, ଛେନାର କାଠି, ମୋହନ ଭୋଗ ଲାଗୁଛି। ବିଶ୍ରାମରେ ଥିବା ଅସୁସ୍ଥ ଠାକୁରଙ୍କ ଯେପରି କୌଣସି ବ୍ୟାଘାତ ସୃଷ୍ଟି ନ ହୁଏ ସେଥିଲାଗି ଭୋଗ ସମୟରେ ଘଣ୍ଟି ବାଜୁନାହିଁ। ଶନିବାର ଅନୁଷ୍ଠିତ ସ୍ନାନ ପୂର୍ଣ୍ଣିମା ରାତି ପ୍ରାୟ ୧୨ଟା ସମୟରେ ସମସ୍ତ ଠା' ନୀତି ସମ୍ପନ୍ନ ହେବା ପରେ ମଙ୍ଗଳ ଆରତୀ ହୋଇ ତିନି ଠାକୁରଙ୍କ ଗଜବେଶ ହୋଇଥିଲା। ଏହାପରେ ତିନି ଠାକୁରଙ୍କୁ ଅଣସର ପିଣ୍ଡିକୁ ଗୋଟିପହଣ୍ଡିରେ ବିଜେ କରାଯାଇଥିଲା। ପ୍ରଭୁଙ୍କ ନିକଟରେ ଲକ୍ଷ୍ମୀ ଠାକୁରାଣୀଙ୍କ ଅଭିମାନଭରା ଗୀତ ଗୋବିନ୍ଦ ପାଠ କରାଯାଇଥିଲା। କର୍ପୁର ଆଳତୀ ହୋଇ ଅନନ୍ତ ବାସୁଦେବଙ୍କ ସମ୍ମୁଖରେ ଦହିଭେଟ ଦିଆଯିବା ପରେ ଅଣସର ନୀତି ଆରମ୍ଭ ସହ ମନ୍ଦିରର ମୁଖ୍ୟ ପ୍ରବେଶ ସିଂହଦ୍ୱାର କବାଟ ବନ୍ଦ ହେବା ବେଳକୁ ମଧ୍ୟରାତ୍ର ଦୁଇଟା ସମୟ ହୋଇଯାଇଥିଲା। ତିନି ଠାକୁର ଅଣସରରେ ରହୁଥିବାରୁ ୧୪ଦିନ ଦେବଦର୍ଶନ ବନ୍ଦ ରହୁଥିବାରୁ ପଟି ଦିଅଁଙ୍କ ପୂଜା ପାଇଁ ଚିତ୍ରକରଙ୍କ ଘରୁ ହାତୀ ଦ୍ୱାର ଦେଇ ତିନି ଦିଅଁଙ୍କୁ ଅଣାଯାଇ ପ୍ରତିଷ୍ଠା କରାଯାଇ ପୂଜା ଆରମ୍ଭ ହୋଇଛି। ଦର୍ଶନ ନିମନ୍ତେ ଭକ୍ତମାନେ ହାତୀ ଦ୍ୱାର ଦେଇ ପ୍ରବେଶ କରୁଛନ୍ତି।

# ରଜାବସା ପଡ଼ିଆରୁ ମହିଳାଙ୍କ ମୃତଦେହ ଉଦ୍ଧାର



**ବାରିପଦା, ୨୩।୬(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ରଜାବସା ପଡ଼ିଆରୁ ଜଣେ ମହିଳାଙ୍କ ସନ୍ଦେହ ଜନକ ଭାବେ ମୃତଦେହ ଉଦ୍ଧାର ହୋଇଛି। ବାରିପଦା ସଦର ଥାନା ଅଧିକାରିଣୀ ମଧୁସ୍ମିତା ମହାନ୍ତି ସଦଳବଳ ରବିବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ମୃତ ମହିଳା ଜଣକ ହେଲେ ସ୍ଥାନୀୟ ରଜାବସା ଅଞ୍ଚଳର ଗୋଲାପୀ ମଣି ଟୁଡୁ (୩୨)। ତାଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ସେ ଶନିବାର ରାତିରେ ତାଙ୍କ ଘର ନିକଟରେ ଥିବା ସମ୍ପର୍କୀୟଙ୍କ ଘରେ ଶୋଇଥିଲେ। ସେଠାରେ କୌଣସି ବ୍ୟକ୍ତି ତାଙ୍କୁ ରାତିରେ ହତ୍ୟା କରି ଆଣି ପଡ଼ିଆରେ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ତେବେ ଏହା ପ୍ରେମଜନିତ ହତ୍ୟା ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ରବିବାର ସକାଳୁ ସ୍ଥାନୀୟ ଲୋକେ ଏ ନେଇ ବାରିପଦା ସଦର ଥାନା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ସାଇଣ୍ଟିଫିକ ଟିମ ସହାୟତାରେ ପାରିପାର୍ଶ୍ୱିକ ସ୍ଥିତିର ଅନୁଧ୍ୟାନ କରିଛନ୍ତି। ଏଥିସହିତ ମୃତଦେହକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଛି ପୁଲିସ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

**କାଠ ବୋଝେଇ ପିକ୍‌ଅପ୍ ଜବତ**

# ସପ୍ତାହକରେ ୨ଟି ଗାଡ଼ିକୁ ଧରିଲାଣି ବନ ବିଭାଗ

**ମୋରଡା, ୨୩।୬(ସମିସ):** ଏବେ ଆକ୍ସନ ମୋଡ଼ରେ ରାସଗୋବିନ୍ଦପୁର ବନବିଭାଗ। ମାଫିଆଙ୍କୁ ଗୋଡ଼ାଇ ଗୋଡ଼ାଇ ନାକେଦମ କରିବା ସହିତ ଗାଡିଗୁଡ଼ିକୁ ଜବତ କରିବାରେ ଲାଗି ପଡ଼ିଛନ୍ତି ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂ। ଆଜି ରାସଗୋବିନ୍ଦପୁର ରେଞ୍ଜର ବନବିଭାଗ କର୍ମଚାରୀମାନେ ଏକ ବେଆଇନ କାଠ ବୋଝେଇ ପିକଅପ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଉକ୍ତ ରେଞ୍ଜ ତଥା ଶୁଳିଆପଦା ବ୍ଲକର ଧାତିକା ଗ୍ରାମର କେନାଲ ରାସ୍ତାରେ ଏକ ବେଆଇନ କାଠ ବୋଝେଇ ପିକଅପ ପଡୋଶୀ ପଶ୍ଚିମବଙ୍ଗକୁ ଯାଉଥିବାବେଳେ ପୂର୍ବ ସୂଚନା ମୁତାବକ କୌଣସି ସୂତ୍ରରୁ ଖବର ପାଇ ରେଞ୍ଜର ଘନଶ୍ୟାମ ସିଂ, ଫରେଷ୍ଟର ଅଶୋକ ନାଏକ, ଅଶୋକ ମାଝୀ, ସୁରଜ ମହାପାତ୍ର ଉକ୍ତ ରାସ୍ତାରେ ଜଗି ରହି ଗାଡିକୁ ଜବତ କରିଥିଲେ। ତେବେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଥିବାବେଳେ ଜବତ କାଠର ଆନୁମାନିକ ମୂଲ୍ୟ ୪୦ ହଜାର ଟଙ୍କାର ହେବବୋଲି କହିଛନ୍ତି ରେଞ୍ଜର ସିଂ। ସୂଚନାଯୋଗ୍ୟ ଯେ, ସପ୍ତାହକ ମଧ୍ୟରେ ବନ ବିଭାଗ ଦୁଇଟି କାଠ ବୋଝେଇ ଗାଡ଼ିକୁ ଧରିବାରେ ସକ୍ଷମ ହୋଇଛି।



# ରଥଖଳାରେ ମହାବେଦୀର ନାହିକା ଉତ୍ତୋଳନ ପାଇଁ ପୂଜାର୍ଚ୍ଚନା

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ରଥଖଳାରେ ମହାବେଦୀର ନାହିକା ଉତ୍ତୋଳନ ପାଇଁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ନୀତି ସମ୍ପନ୍ନ ହେବା ପରେ ମନ୍ଦିର ପରିଛା ଆଜ୍ଞାମାଳ ଜଗନ୍ନାଥ ମହାପ୍ରଭୁଙ୍କ ପାଖରୁ ପାଇବା ପରେ ପାଳିଆ ପୂଜା ପଣ୍ଡା ପହଣ୍ଡିରେ ବିଶ୍ୱକର୍ମା ଠାକୁର ଓ ତାଙ୍କର ଗଜଦଣ୍ଡ ସଙ୍ଗରେ ନେଇ ରଥଖଳାକୁ ଯାଇଥିଲେ। ମନ୍ଦିରର ପରିଛା ଯିବା ବାଟରେ ସୁବାସିତ ଚନ୍ଦନ ଜଳ ସିଞ୍ଚନ କରିଥିଲେ। ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ମହାବେଦୀ ପୂଜା ପରେ ନାହିକା ଉପରକୁ ଉଠାଯାଇଥିଲା। ଏଥିରେ ରଥ ମହାପାତ୍ର, ରଥ ମିସ୍ତ୍ରୀ, ରଥ ମହାରଣା ଓ ସେବକମାନେ ମହାବେଦୀ ନାହିକା ଉତ୍ତୋଳନରେ ସହଯୋଗ କରିଥିଲେ। ସେହିପରି ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ମହାବେଦୀର ପୂଜା ହୋଇ ନାହିକା ଉତ୍ତୋଳନ କରାଯାଇଥିଲା। ପରେ ବିଶ୍ୱକର୍ମା ଠାକୁର ତାଙ୍କର ଗଜଦଣ୍ଡ ନେଇ ମନ୍ଦିରକୁ ବାହୁଡି ଥିଲେ। ଏହି ଉତ୍ସବରେ ଭକ୍ତଙ୍କ ସହ ମନ୍ଦିରର ସେବାୟତ ମଧ୍ୟ ଉପସ୍ଥିତ ଥିଲେ। ଏଥିସହିତ ସାନ ଜଗନ୍ନାଥ ମନ୍ଦିର ରଥର ମହାବେଦୀର ନାହିକା ଉତ୍ତୋଳନ ହୋଇ ପୂଜାର୍ଚ୍ଚନା ମଧ୍ୟ ସମ୍ପନ୍ନ ହୋଇଛି। ଉଲ୍ଲେଖ ଯୋଗ୍ୟ ଯେ, ପ୍ରତ୍ୟେକ ରଥର ମହାବେଦୀର ଚାରିକୋଣର କାଠ ଖମ୍ବକୁ ନାହିକା କୁହାଯାଇଥାଏ ଏବଂ ଏହି ନାହିକା ଉତ୍ତୋଳନ ପାଇଁ ରହିଥିବା ସ୍ୱତନ୍ତ୍ର ପୂଜାର୍ଚ୍ଚନାର ପରମ୍ପରା ରଥ ନିର୍ମାଣର ଏକ ବିଶେଷ ବିଧି ରହିଛି।



**ମୟୂରଭଞ୍ଜ ଜିଲ୍ଲାକୁ ଛୁଇଁଲା ମୌସୁମୀ; ତାତିରୁ ମିଳିଲା ଆଶ୍ୱସ୍ତି**

# ୨୭ ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି



**ବାରିପଦା, ୨୩।୬(ସମିସ):** ମୟୂରଭଞ୍ଜ ଜିଲ୍ଲାକୁ ରବିବାର ମୌସୁମୀ ଛୁଇଁଥିବା ବେଳେ ଏହା ପ୍ରଭାବରେ ବିଭିନ୍ନ ସ୍ଥାନରେ ବୃଷ୍ଟିପାତ ହୋଇଛି। ବାରିପଦା ସମେତ ଅନ୍ୟାନ୍ୟ ସ୍ଥାନରେ ଅସରାଏ ବର୍ଷା ଯୋଗୁଁ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିଛି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ମୌସୁମୀ ବୃଷ୍ଟିପାତ ଯୋଗୁ ଆଶ୍ୱସ୍ତି ମିଳିଛି। ବୃଷ୍ଟିପାତ ଫଳରେ ରବିବାର ତାପମାତ୍ରାର ପାରଦ ନିମ୍ନଗାମୀ ହୋଇଛି। ଜିଲ୍ଲାରେ ବର୍ଷା ହୋଇଥିବା ବେଳେ ଆଗକୁ ବର୍ଷାର ପରିମାଣ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି; ଯାହାକୁ ନେଇ ମୟୂରଭଞ୍ଜ ଜିଲ୍ଲାକୁ ଆସନ୍ତା ଜୁନ ୨୭ତାରିଖ ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଉକ୍ତ ସମୟରେ ଜିଲ୍ଲାରେ ପ୍ରବଳ ବର୍ଷା ସମେତ ବଜ୍ରପାତ ହେବାର ସମ୍ଭାବନା ରହିଛି। ତେବେ ଚଳିତ ବର୍ଷ ଅଷ୍ଟମ ଥର ପାଇଁ ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଥିବା ବେଳେ ମୌସୁମୀ ପ୍ରବେଶ ପରେ ବର୍ଷାରେ ବାରିପଦା ସମେତ ଜିଲ୍ଲାର ଭିଜିଛି। ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଥିବା ବେଳେ ଲୋକେ ତାତିରେ ଆଉଟୁ ପାଉଟୁ ହେଉଥିଲେ।

# ତାଲା ଭାଙ୍ଗି ମଦ ଦୋକାନରୁ ଚୋରି

**କୁଆମରା, ୨୩।୬(ସମିସ):** ଖୁଣ୍ଟା ଥାନା ଅନ୍ତର୍ଗତ ବାସିପିଠା ନିକଟରେ ଥିବା ଏକ ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ ଶନିବାର ରାତିରେ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ଅଭିଯୋଗ ହୋଇଛି। ଏହି ଦୋକାନକୁ ଅବକାରୀ ବିଭାଗ ଅଧିକାରୀ ଗତ ଏପ୍ରିଲ ମାସରେ ସିଲ୍ କରିଥିଲେ। ଫଳରେ ସେହି ଦିନଠାରୁ ଦୋକାନ ବନ୍ଦ ରହିଥିବା ବେଳେ ଗତକାଲି ରାତିରେ ଦୁର୍ବୃତ୍ତମାନେ ତାଲାଭାଙ୍ଗି ଫ୍ରିଜ୍, ଇନଭେଟର, ବ୍ୟାଟେରୀ, ସିସି ଟିଭିର ବିଭିନ୍ନ ଯନ୍ତ୍ରାଂଶ ସମେତ ମଦ ଲୁଟି ନେଇ ପଳାଇଛନ୍ତି। ଘରେ ଗଚ୍ଛିତ ଥିବା ୧୦ପେଟି ବିୟର ଓ ୪୬ ପେଟି ବିଦେଶୀ ମଦକୁ ନେଇ ଚମ୍ପଟ ମାରିଛନ୍ତି ଚୋର। ଆଜି ଅପରାହ୍ନରେ ଏହା ଜଣାପଡ଼ିବା ପରେ ଦୋକାନ ମାଲିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଟିରିଙ୍ଗରେ ସ୍ୱଯତ୍ନ ଶିବିର

**ରାଇରଙ୍ଗପୁର, ୨୩।୬(ସମିସ):** ଲେପ୍ରା ସୋସାଇଟି ଏବଂ ଟିରିଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ୨୦ ଜଣ କୁଷ୍ଠଆକ୍ରାନ୍ତଙ୍କୁ ନେଇ ଏକ ସ୍ୱଯତ୍ନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲା ଏନଏଲପିର ସଂଯୋଜକ ପ୍ରକାଶ କୁମାର ପାତ୍ର ଉପସ୍ଥିତ ରହି କୁଷ୍ଠ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ସରକାରୀ ଯୋଜନା ସହିତ ଆରସିଏସର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏଥିସହିତ ଟିରିଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡାକ୍ତର ନରେନ୍ଦ୍ର କୁମାର ମୁର୍ମୁ ଉପସ୍ଥିତ ରହି କୁଷ୍ଠ ରୋଗର କାରଣ ଓ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁଥିବା ସୁବିଧା ଗୁଡ଼ିକ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଟିରିଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ଣ୍ଣିମା ମାରାଣ୍ଡି, ଯୁଧିଷ୍ଠିର ବେହେରା, ବିଜୟ କୁମାର ବସା, ଘାସିରାମ ମହନ୍ତ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବଧିରା ହାତ ଓ ଗୋଡ଼ର କିପରି ସ୍ୱଯତ୍ନ କରିବେ ସେ ବିଷୟରେ ଲେପ୍ରା ସୋସାଇଟି କର୍ମୀ ଦୀପକ କୁମାର ପାତ୍ର, ରବୀନ୍ଦ୍ର ଦାସ, ଡୁମୁନି ମାରାଣ୍ଡି ଶିକ୍ଷା ଦେଇଥିଲେ। ଏହି ଅବସରରେ ମାଗଣାରେ ଏମସିଆର ଚପଲ, କିଟ୍ସ ବଣ୍ଟନ କରାଯାଇଥିଲା।

# ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

**ବେତନଟୀ, ୨୩।୬(ସମିସ):** ବେତନଟୀ-ମେର୍ଦ୍ଦା ରାସ୍ତାର ଅମଣିହାଠାରେ ଏକ ସିମେଣ୍ଟ ବୋଝେଇ ଟ୍ରକ ଧକ୍କାରେ ଜଣେ ସାଇକଲ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଉଛନ୍ତି ସଂସା ଗ୍ରାମର ମନମୋହନ ମହାନ୍ତଙ୍କ ପୁଅ ପ୍ରଶାନ୍ତ (୨୫)। ସୂଚନା ମୁତାବକ ପ୍ରଶାନ୍ତ ସାଇକଲ ଯୋଗେ ବେତନଟୀ ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ସିମେଣ୍ଟ ବୋଝେଇକରି ଆସୁଥିବା ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ପରେ ପ୍ରଶାନ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଅର୍ଜୁନବିଲ୍ଲା ପଞ୍ଚାୟତରେ ବାର୍ଦ୍ଧକ୍ୟ ଭତ୍ତା ମିଳିବାରେ ବିଳମ୍ବ

**ଖୁଣ୍ଟ, ୨୩।୬(ସମିସ):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ମଧୁବାବୁ ପେନସନ ଯୋଜନା ଓ କେନ୍ଦ୍ର ସରକାରଙ୍କ ତରଫରୁ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା (ଆଇଜିଏନଓଏପି ଏସ୍) ହିତାଧିକାରୀଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହି ପ୍ରକ୍ରିୟାର ସୁପରିଚାଳନା ପାଇଁ ବ୍ଲକସ୍ତରରେ ଜଣେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ (ବିଏସ୍ଏସ୍ଓ) ନିୟୋଜିତ ହୋଇଛନ୍ତି। ଏଥିସହିତ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗ୍ରାମପଞ୍ଚାୟତସ୍ତରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମାତ୍ର ପରିତାପର ବିଷୟ ଯେ, କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଉଥିବା ଉକ୍ତ ଭତ୍ତା ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରଦାନ କରାଯିବାର ବ୍ୟବସ୍ଥା ଥିଲେ ସୁଦ୍ଧା ଶୁକ୍ରୁଳି ବ୍ଲକ ଅଧୀନ ଅର୍ଜୁନବିଲ୍ଲା ଗ୍ରାମ ପଞ୍ଚାୟତର ଅଧିକାଂଶ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଚଳିତ ମାସର ଭତ୍ତା ରାଶି ଅଦ୍ୟାବଧି ଜମା ହୋଇନାହିଁ। ଏହି ଅହେତୁକ ବିଳମ୍ବ ହେତୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।




# ମନ୍ତ୍ରୀଙ୍କୁ ମୟୂରଭଞ୍ଜ ସିନିୟର ସିଟିଜେନ୍ ଫୋରମ୍ ପକ୍ଷରୁ ସ୍ମାରକପତ୍ର

**ବାରିପଦା, ୨୩।୬(ସମିସ)**



ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ପକ୍ଷରୁ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ପୂର୍ବାହ୍ନରେ ଅବସରପ୍ରାପ୍ତ ସରକାରୀ ସଂଘ ପ୍ରକୋଷ୍ଠରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ପ୍ରଦୀପ୍ତ କିଶୋର ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। ଏଥିରେ ବାରିପଦା, ଉଦଳା, ବଡ଼ସାହି, ବେତନଟୀ ଓ ଝାରପୋଖରିଆ ବରିଷ୍ଠ ନାଗରିକ ମଞ୍ଚର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଡ଼. ଶ୍ୟାମସୁନ୍ଦର ଦାସ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ମୟୂରଭଞ୍ଜର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସୁବର୍ଣ୍ଣରେଖା ବୃହତ୍ ଜଳସେଚନ ପ୍ରକଳ୍ପର ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିତା, ବ୍ୟାପକ ଶିଳ୍ପାୟନ, କର୍ମନିଯୁକ୍ତି, ଆୟୁର୍ବେଦିକ ଓ ହୋମିଓପାଥିକ ମହାବିଦ୍ୟାଳୟ ପୁନଃ ପ୍ରଚଳନ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ କାର୍ଡିଓଲୋଜି, ନେଫ୍ରୋଲଜି ଓ ନିୟୁରୋଲଜିରେ ପିଜି ଖୋଲିବା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ କେଉଁଝର ଶାଖାର ସମସ୍ତ ୫ଟି ବିଭାଗ ସହିତ ସମସ୍ତ ଫାକଲଟି ବାରିପଦା ମୁଖ୍ୟ ପରିସରକୁ ପ୍ରତ୍ୟାବର୍ତ୍ତନ, ଶିମିଳିପାଳ ଜୈବମଣ୍ଡଳର ସମ୍ପୂର୍ଣ୍ଣ ସୁରକ୍ଷା ଓ ଉନ୍ନତି, ବାରିପଦା ଓ ଯଶିପୁରଠାରେ ଦୁଇଟି ପ୍ରାଣୀ ଉଦ୍ୟାନ, ବାରିପଦା ପୌର ପରିଷଦର କଳେବର ବୃଦ୍ଧି ସହିତ ସ୍ମାର୍ଟ ସିଟିକୁ ରୂପାନ୍ତରଣ, ଜମ୍ବିର ନଦୀ ଜଳ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଉପରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଭାପତିଙ୍କ ସହିତ ଡ଼ ସୁଶାନ୍ତ କୁମାର ପାତ୍ର, ବଡ଼ସାହି ସଭାପତି ସୁନୀଲ କୁମାର ଦାଶ, ଉଦଳା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଝାରପୋଖରିଆ ଘାସିରାମ କଳିଆ, ବରିଷ୍ଠ ସଦସ୍ୟ କାର୍ତ୍ତିକ ଚନ୍ଦ୍ର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ସାହୁ ସମେତ ଅନ୍ୟ ସଭ୍ୟମାନେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ମନ୍ତ୍ରୀ ଶ୍ରୀ ମହାପାତ୍ର ମୟୂରଭଞ୍ଜର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଅଭିଜ୍ଞ ଅବସର ପ୍ରଶାସନିକ, ଇଞ୍ଜିନିୟର, ଡାକ୍ତର, ବିଶେଷଜ୍ଞମାନଙ୍କର ପରାମର୍ଶ କ୍ରମେ ଖୁବ ଶୀଘ୍ର ମୟୂରଭଞ୍ଜର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିବାର ପ୍ରତିଶ୍ରୁତି ଦେଇଥିଲେ। ବିଶେଷ ଭାବରେ ନିକଟରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ମେଡିକାଲ କଲେଜକୁ ସ୍ୱସ୍ଥାନକୁ ସ୍ଥାନାନ୍ତରିତ କରି ଜିଲ୍ଲା ମେଡିକାଲକୁ ସୁପର ସ୍ପେଶିଆଲିଷ୍ଟ ମେଡିକାଲରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଭ୍ୟ ସରୋଜ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ବିପଦସଂକୁଳ ଅବସ୍ଥାରେ ସୋନ ନଦୀବନ୍ଧ



● ନଦୀବଢ଼ିରେ ବନ୍ଧ ଭାଙ୍ଗିଯିବାର ଆଶଙ୍କା

● ମଞ୍ଜୁର ହୋଇଛି ୬ କୋଟି, ତୁରନ୍ତ କାମ ହେବ: ଯନ୍ତ୍ରୀ

ବାଲେଶ୍ୱର, ୨୩।୬(ସମିସ):

ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ ଗମ୍ଭାରୀଆଠାରୁ ଜଗନ୍ନାଥପୁର ପର୍ଯ୍ୟନ୍ତ ସୋନ ନଦୀ ବନ୍ଧ ବିପଦସଙ୍କୁଳ ଅବସ୍ଥାରେ ରହିଛି । ବିଭିନ୍ନ ସ୍ଥାନରେ ଏହି ନଦୀବନ୍ଧ ଦୁର୍ବଳ ହୋଇଯାଇଛି । ପଥର ପେଚିଂ ହୋଇଥିବା ସ୍ଥାନରେ ପଥର ସବୁ ଧସି ଯାଇଛି । ନଦୀର ଜଳସ୍ତର ସାମାନ୍ୟ ଫୁଲିଲେ ବନ୍ଧ ଭାଙ୍ଗି ଯିବାର ଆଶଙ୍କା ଅଧିକ ରହିଛି । ବେଳ ଥାଉ ଥାଉ ଜିଲ୍ଲା ଜଳ ସମ୍ପଦ ବିଭାଗ (ଇରିଗେସନ) ପକ୍ଷରୁ ଏହି ନଦୀ ବନ୍ଧକୁ ପଥର ପେଚିଂ ପୂର୍ବକ ମରାମତି କରାଯାଉ ନାହିଁ କାହିଁକି ? ଲଗାଣ ବର୍ଷା ହେଲେ ନଦୀର ଗର୍ଭ ନିଶ୍ଚିତ ଫୁଲି ଉଠିବ । ଫଳରେ ଏହି ଦୁର୍ବଳ ନଦୀ ବନ୍ଧକୁ ଧସାଇ ବନ୍ୟାଜଳ ସ୍ଥାନୀୟ ଅଞ୍ଚଳର ବହୁ କ୍ଷୟକ୍ଷତି ଘଟାଇ ପାରେ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି ।

ରେମୁଣା ବ୍ଲକରେ ପ୍ରବାହିତ ସୋନ ନଦୀ କୂଳିଆ ଅଞ୍ଚଳସ୍ଥ ଜମିରେ ସ୍ଥାନୀୟ ଚାଷୀମାନେ ପ୍ରଚୁର ପନିପରିବା ଚାଷ କରୁଥିବାର ଦେଖାଯାଇଛି । ଏହାବାଦ ସୋନ ନଦୀର ଜଗନ୍ନାଥପୁର ଘାଟରେ ଏକ ପୋଲ ନିର୍ମାଣ ହେବା ପରେ ରେମୁଣାର ବଡାପାଳ, କଲ୍ୟାଣପୁର, ଗଣ୍ଡରଦା ଓ ନିଜାମପୁର ପଞ୍ଚାୟତ ସହିତ ମୟୂରଭଞ୍ଜ ଜିଲ୍ଲାର ବଡ଼ସାହି, ବୈଶିଙ୍ଗା ଓ ବେତନଟୀ ଅଞ୍ଚଳ ଲୋକ ମାନେ ଏହି ବନ୍ଧଦେଇ ସହଜରେ ଯାତାୟାତ କରି ପାରୁଥିବା ଜଣାଯାଇଛି । ହେଲେ ରେମୁଣା ବ୍ଲକ ମନ୍ଦାରପୁର ପଞ୍ଚାୟତର ୧୬ ନମ୍ବର ଜାତୀୟ ରାଜପଥଠାରୁ ଜଗନ୍ନାଥପୁର ପୋଲ ପର୍ଯ୍ୟନ୍ତ ନଦୀବନ୍ଧ ଅତ୍ୟନ୍ତ ଦୁର୍ବଳ ହେଇଯାଇଛି । ଏହି ନଦୀବନ୍ଧ ଉପରେ ସମ୍ପୃକ୍ତ ଅଞ୍ଚଳର ସହସ୍ରାଧିକ ଲୋକ ଦୈନଦିନ ଯାତାୟାତ କରନ୍ତି । ନଦୀବନ୍ଧ ବିଭିନ୍ନ ସ୍ଥାନରେ ଧସିଯିବା ଫଳରେ ଲୋକମାନେ ଏହା ଉପରେ ଯାନବାହନ ଚଢି ଯିବାକୁ ଭୟ କରୁଥିବା ଜଣାଯାଇଛି । ଏହି ନଦୀବନ୍ଧକୁ ସ୍ଥାୟୀ ନିର୍ମାଣ କରାଗଲେ ରେମୁଣା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର, ମେଣ୍ଢରା, ନିଆଁବାଗ, ମନ୍ଦାରପୁର, ଉଡମ୍ବର, ଦୋଳଗହୀରା, କାଠ ସଂଗଡ଼ା, ହର୍ଷପୁରା, ନୂଆସାହି ଓ ସିଙ୍ଗିଲା ପ୍ରଭୃତି ଅଞ୍ଚଳର ପ୍ରାୟ ୨୫ ହଜାରରୁ ଉର୍ଦ୍ଧ ଲୋକ ବନ୍ୟା ଦାଉରୁ ରକ୍ଷା ପାଇ ପାରନ୍ତେ ବୋଲି ସ୍ଥାନୀୟ ସଚେତନ ବ୍ୟକ୍ତି ମାନେ କହିଛନ୍ତି । ପ୍ରତିବର୍ଷ ସୋନ ନଦୀରେ ବନ୍ୟା ହେଉଥିବା ଯୋଗୁ ବିଭିନ୍ନ ସ୍ଥାନରେ ନଦୀବନ୍ଧ ଦୁର୍ବଳ ହୋଇ ଯାଇଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଦୋଳଗୋହିରୀଠାରେ ୨ଥର ନଦୀବନ୍ଧ ଭାଙ୍ଗି ବନ୍ୟାଜଳ ସେହି ଅଞ୍ଚଳରେ ମାଡିଯାଇ ଅହେତୁକ କ୍ଷୟକ୍ଷତି କରିଥିବାର ସ୍ଥାନୀୟ ଯୁବ ସମାଜସେବୀ ଅଭୟ କୁମାର ସାମଲ କହିଛନ୍ତି । ତେଣୁ କାଠସଂଗଡ଼ାସ୍ଥିତ ଗ୍ରାମ୍ୟ ଜଙ୍ଗଲ ଚାରିପାଖରେ ପଥର ପେଚିଂ କରାଯିବାର ଆବଶ୍ୟକତା ରହିଛି । ଅପରପକ୍ଷରେ ଏହି ନଦୀବନ୍ଧକୁ ନୂତନ ରୂପେ ନିର୍ମାଣ କରିବା ଲାଗି ଜିଲ୍ଲା ଜଳ ସମ୍ପଦ ବିଭାଗ ପକ୍ଷରୁ ଗତ ୨୦୨୦ ମସିହାରେ ୫କୋଟି ଟଙ୍କା ଅଟକଳ କରାଯାଇ ସରକାରଙ୍କୁ ଦିଆଯାଇଛି । ହେଲେ ସରକାରଙ୍କ ତରଫରୁ ଏହି ପ୍ରକଳ୍ପକୁ ମଞ୍ଜୁର କରାଯାଇଥିଲା ବୋଲି ଜାଣିବାକୁ ମିଳିଥିଲା । ହେଲେ ବର୍ତ୍ତମାନ ସୁଦ୍ଧା ଏହି ନଦୀବନ୍ଧ ପୁନଃନିର୍ମାଣ କରାଯାଇ ନାହିଁ । ଏ ବାବଦରେ ବାଲେଶ୍ୱର ଜଳ ସମ୍ପଦ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଭାସ କୁମାର ପ୍ରଧାନ କୁହନ୍ତି ଯେ, ଏହି ବନ୍ଧର ନିର୍ମାଣ କାର୍ଯ୍ୟ ପାଇଁ ୬ କୋଟି ଟଙ୍କା ମଞ୍ଜୁର ହୋଇଛି । ଟେଣ୍ଡର ପ୍ରକ୍ରିୟା ସରିବା ପରେ ସୋନ ନଦୀ ବନ୍ଧ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବ । ବର୍ତ୍ତମାନ ବନ୍ଧର ଯେଉଁ ସବୁ ସ୍ଥାନ ଦୁର୍ବଳ ହେଇଛି ଏବଂ ପଥର ପେଚିଂ ଖସି ଯାଇଛି, ସେହିସବୁ ସ୍ଥାନରେ ତୁରନ୍ତ ମରାମତି କରିଦିଆ ଯିବ ବୋଲି ଯନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ବସ୍ତା ବ୍ଲକ, ୨୩।୬ (ସମିସ) : ବସ୍ତାସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ସଦନରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି । ସ୍କୁଲର ଅଧକ୍ଷ ଅଭିରାମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ରତ୍ନାକର ନାୟକ ଯୋଗ ଦିବସର ତାତ୍ପର୍ଯ୍ୟ ଓ ସୁସ୍ଥ ନିରାମୟ ଜୀବନ ପାଇଁ ଯୋଗର ଉପାଦେୟତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ବନ୍ଦିନୀ ଜେନାଙ୍କ ତତ୍ତ୍ୱାବଧାନରେ ଏକ ଯୋଗ ଶିବିର ଅନୁଷ୍ଠିତ ହେଇଥିଲା । ଏହି ଶିବିରରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଏବଂ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗାସନ କରିଥିଲେ । ଏହି ଶିବିରକୁ ସ୍କୁଲର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ ।

## ସୋଲପଟା ହାଇସ୍କୁଲରେ ମାଟ୍ରିକ ଉତ୍କର୍ଷ ସମ୍ମାନ ସମାରୋହ




ରୂପସା, ୨୩।୬ (ସମିସ): ସ୍ଥାନୀୟ ସୋଲପଟା ହାଇସ୍କୁଲ ପୁରାତନ ଛାତ୍ର ପରିଷଦ ଆନୁକୂଲ୍ୟରେ ରବିବାର ମାଟ୍ରିକ ଉତ୍କର୍ଷ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଅରୁଣ କୁମାର ନାୟକ ଏହି ସମାରୋହରେ ଅଧ୍ୟକ୍ଷତା କରିଥିଲେ । ପରିଷଦର ସମ୍ପାଦକ ଗୋବିନ୍ଦ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବାଞ୍ଛାନିଧି ଦେ, ମୁଖ୍ୟବକ୍ତା ପ୍ରଧାନ ଶିକ୍ଷକ କରୁଣାକର ପାତ୍ର ଯୋଗଦେଇ ଛାତ୍ରଛାତ୍ରୀ ପ୍ରତିଭା ବଳରେ ନିଜର ଭବିଷ୍ୟତ ନିର୍ମାଣ କରିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ପରିଚାଳନା ସମିତି ସଭାପତି ପ୍ରତାପ ଚନ୍ଦ୍ର ବାରିକ, କମିଟି ଚେୟାରମ୍ୟାନ ବରେନ୍ଦ୍ର ପ୍ରଧାନ, ଶିକ୍ଷାବିତ ସର୍ବେଶ୍ୱର ସେଠୀ, ସମିତିସଭ୍ୟ ରାଜକିଶୋର ମହାଳିକ ପ୍ରମୁଖ ମଞ୍ଚାସିନ ହୋଇ ନୈତିକ ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାବିତ ଅମୟ କୁମାର ଦାସ ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଇ୧ ଗ୍ରେଡ଼ ପାଇଥିବା ଛାତ୍ରୀ ତପସ୍ୱିନୀ ଦାସ, ଇ୨ ଗ୍ରେଡ଼ ଅନ୍ତର୍ଭୁକ୍ତ ଆରତୀ ଦାସ, ଶ୍ରୀତମ ଦାସ ଓ ବିଷ୍ଣୁପ୍ରସାଦ ବେହେରା, ୨୦୨୨ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ଟପ୍ପର ଛାତ୍ରୀ ସୁହାନି ବେରାଙ୍କୁ ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଧାନଶିକ୍ଷକ କରୁଣାକର ପାତ୍ର, ଶିକ୍ଷକ ଶିବ ସେନାପତି, ଅଚିନ୍ତ ବେହେରା, ପଦ୍ମଲୋଚନ ବାରିକ ଓ ସଞ୍ଜୟ ସିଂଙ୍କୁ ପରିଷଦ ପକ୍ଷରୁ ଆଦର୍ଶ ଗୁରୁ ସମ୍ମାନ ପ୍ରଦାନ କରାଯାଇଥିଲା । ଅମୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ରୂପସାରେ ଅମୃତବିନ୍ଦୁ ରକ୍ତଦାନ ଶିବିର

ରୂପସା, ୨୩।୬ (ସମିସ): ରୂପସା ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ବାଲେଶ୍ୱର ସମିତି ଓ ଓଡ଼ିଶା ବ୍ଲଡ଼ ଡୋନର ଆସୋସିଏସନ ମିଳିତ ସହଯୋଗରେ ରବିବାର ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର 'ଅମୃତବିନ୍ଦୁ' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସମିତି ଜିଲା ସଭାପତି ସୁକାନ୍ତ କିଶୋର ଦାସ ଏବଂ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା. ସତୀଶ କୁମାର ଜେନା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରି ରକ୍ତଦାନ ମହତ ଦାନ ହୋଇଥିବାରୁ ଏଥିପ୍ରତି ଯୁବ ସମାଜ ଆଗଭର ହେବା ଉଚିତ ବୋଲି କହିଥିଲେ । ସଂଗଠନର ଆବାହକ ଉମେଶ ଚନ୍ଦ୍ର ନାୟକ ଉଦ୍‌ଘାଟନୀ ଉତ୍ସବରେ ପୌରାହିତ୍ୟ କରିଥିଲେ । ସମ୍ମାନିତ ଅତିଥି ଜିଲା ସମିତି ଆବାହକ ରାଧାପ୍ରବୀଣ ଦାସ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ସାମ୍ବାଦିକ ବାଞ୍ଛାନିଧି ଦେ, ଓବିଡିଏ ସଭାପତି ଭିକାରୀ ଚରଣ ମିସ୍ତ୍ରି, ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ପୂର୍ବତନ ବ୍ୟାଙ୍କ ମ୍ୟାନେଜର ଯୋଗେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ନର୍ସିଂ ଅଫିସର ମାନିନୀ ମଲ୍ଲିକ, ଟେକନିସିଆନ ଦେବାଶିଷ ଦତ୍ତ ଓ ବସନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ୧୦୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସଂଯୋଜକ ପର୍ଶୁରାମ ବେହେରା, ସେବା ସଂଯୋଜକ ରାଜେନ୍ଦ୍ର ନାଥ ଖମାରୀ, ଯୁବ ସଂଯୋଜକ ସୁଦାମ କୁମାର ସାହୁଙ୍କ ସମେତ କାର୍ଯ୍ୟକର୍ତ୍ତା ଡମ୍ବରୁଧର ମିସ୍ତ୍ରୀ, ବିଧାନ ରାୟ, ପ୍ରନିମା ଦାସ, ବିକାଶ ସେଠୀ, ଅଜୟ ମହାପାତ୍ର ଓ ବିଦ୍ୟାଧର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ ।



## ଜଳେଶ୍ୱର ବ୍ଲକର ୧୯ ଜଣ ଗ୍ରାମ ରୋଜଗାର ସେବକଙ୍କୁ ଭୋଗରାଇ ବଦଳି

ଜଳେଶ୍ୱର ବ୍ଲକ, ୨୩।୬ (ସମିସ): ୨୦୦୮ ମସିହାରେ ନିଯୁକ୍ତି ପାଇଥିବା ଗ୍ରାମ୍ୟ ରୋଜଗାର ସେବକ ମାନଙ୍କ ଦୀର୍ଘ ୧୬ ବର୍ଷ ଧରି କାର୍ଯ୍ୟରେ ରହି ସରକାରଙ୍କ ସହ ବାରମ୍ବାର ଲଢେଇ କରିବା ପରେ ସରକାର ସେମାନଙ୍କୁ ୧୨ ମାର୍ଚ୍ଚ ୨୦୨୪ରେ ସରକାରୀ ଘୋଷଣା କରି ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ନିର୍ଦ୍ଦେଶ ଦେଇଥିଲେ । ମାତ୍ର ବାଲେଶ୍ୱର ତତ୍କାଳୀନ ଜିଲ୍ଲାପାଳ ସେମାନଙ୍କୁ କୌଣସି ପ୍ରକାର ସରକାରୀ ଭାବେ ନିଯୁକ୍ତି ଦେଇ ନ ଥିଲେ । ପରେ ସାଧାରଣ ନିର୍ବାଚନ ଯୋଗୁଁ ନିଯୁକ୍ତି ଅଟକି ରହିଥିଲା । ବାଲେଶ୍ୱର ଜିଲ୍ଲା ପରିଷଦ କାର୍ଯ୍ୟାଳୟ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା-୨୫୩୪, ତା-୨୧/୬/୨୦୨୪ ରିଖରେ ବାଲେଶ୍ୱର ପ୍ରକଳ୍ପ ନିର୍ଦ୍ଦେଶକ ଗ୍ରାମ୍ୟ ରୋଜଗାର ସେବକଙ୍କୁ ଆକାଉଣ୍ଟାଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର ଭାବେ ସରକାରୀ ନିଯୁକ୍ତି କରିବା ପରେ ଜଳେଶ୍ୱର ବ୍ଲକରୁ ୧୯ ଜଣ କାର୍ଯ୍ୟରତ ଗ୍ରାମ୍ୟ ରୋଜଗାର ସେବକଙ୍କୁ ଭୋଗରାଇ ବ୍ଲକକୁ ସ୍ଥାନାନ୍ତର କରା ଯାଇଛି । ସେମାନେ ହେଲେ ପ୍ରବୀର କୁମାର ପ୍ରଧାନ, ସପନ କୁମାର ଚାନ୍ଦ, ପ୍ରଦୀପ୍ତ କିଶୋର ପ୍ରଧାନ, ବୀଣାପାଣି ପୃଷ୍ଟି, ଶକ୍ତିଧର ଘୋଷ, ମାଧବ ଚନ୍ଦ୍ର ଘୋଷ, ପ୍ରଦୀପ କୁମାର ଦାସ, ଦେବବ୍ରତ ସେନାପତି, ସସ୍ମିତା ମହାନ୍ତି, ଆଦିବାସ ବିଶ୍ୱାଳ, ଇନ୍ଦିରା ପ୍ରିୟଦର୍ଶିନୀ କର, ସୂପର୍ଣ୍ଣା ସୋଭିତ ମହାପାତ୍ର, ଗୋପାଳ ଚନ୍ଦ୍ର ଘୋଷ, ରଞ୍ଜିତ କୁମାର ଘୋଷ, ମାନସ କୁମାର ପାତ୍ର, ସୁମିତ କୁମାର ରାଉତ୍, ଗୌତମ ଦଳାଇ, ପ୍ରଦୀପ କୁମାର ମହାନ୍ତ ଓ ଗୋଲକ ବିହାରୀ ପଟ୍ଟନାୟକ ପ୍ରମୁଖ ଗ୍ରାମ୍ୟ ରୋଜଗାର ସେବକଙ୍କୁ ୨୧ ତାରିଖ ଜଳେଶ୍ୱର ବିଡିଓ ପୁନମ ରାଉତ୍ ରିଲିଭ କରିଥିଲେ । ସେମାନେ ଗତକାଲି ୨୨ ତାରିଖ ଭୋଗରାଇ ବ୍ଲକ ଯାଇ ଯୋଗଦାନ କରିଥିବା ଜଣା ପଡ଼ିଛି । ଅନ୍ୟ ପକ୍ଷରେ ଜଳେଶ୍ୱର ବ୍ଲକରେ ମହାତ୍ମା ଗାନ୍ଧୀ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ କରିବା ପାଇଁ ଗ୍ରାମ୍ୟ ରୋଜଗାର ସେବକ ନ ଥିବାରୁ କାର୍ଯ୍ୟ ବାଧାପ୍ରାପ୍ତ ହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି । ଶୀଘ୍ର ସରକାର ଗ୍ରାମ୍ୟ ରୋଜଗାର ସେବକ ପଦବୀରେ ନିଯୁକ୍ତି କରିବା ପାଇଁ ଜନ ସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

## ମା'କୁ ଲହୁଲୁହାଣ କରି ପୁଅ ଫେରାର



ଜଳେଶ୍ୱର ବ୍ଲକ, ୨୩।୬ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଗଡ଼ସାହି ବାଲିଆପାଳ ପଞ୍ଚାୟତସ୍ଥିତ ଗଡ଼ସାହି ବାଲିଆପାଳ ଗାଁର ସ୍ୱର୍ଗତ ଅକ୍ଷୟ କୁମାର ଦାଶଙ୍କ ବିଧବା ପତ୍ନୀ କଲ୍ୟାଣୀ ଦାଶ(୫୫) ଶନିବାର ସନ୍ଧ୍ୟାରେ କାନ୍ଦି କାନ୍ଦି ବହୁ କଷ୍ଟରେ ଜଳେଶ୍ୱର ଥାନାରେ ପହଞ୍ଚିଥିଲେ । ତାଙ୍କର ଏକମାତ୍ର ପୁତ୍ର ରାଜୀବ ଲୋଚନ ଦାଶ ଦୀର୍ଘଦିନ ଧରି ମା'ଙ୍କୁ ପିଟାମରା କରିବା ସହିତ ନିର୍ଯ୍ୟାତନା ଦେଇ ଆସୁଥିଲେ । କିନ୍ତୁ ଶନିବାର ବୁଢ଼ୀ ମା'ର ହାତକୁ ଭାଙ୍ଗିବା ସହିତ ମାରଧର କରିବାରୁ ଗୋଡ଼ରେ ଗଭୀର ଆଘାତ ଲାଗିଛି । ଅସହାୟ ମା' ଥାନାରେ ଅଭିଯୋଗ କଲା ପରେ ପୁଲିସ ପ୍ରଶାସନ ରାତ୍ରିରେ ମହିଳାଙ୍କୁ ଚିକିତ୍ସା କରିବା ଓ କେଉଁଠି ରଖିବାକୁ ନେଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ପରେ ସ୍ଥାନୀୟ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାରର ସଦସ୍ୟ ସମାଜସେବୀ ହରିଶଙ୍କର ପଣ୍ଡାଙ୍କୁ ଖବର ଦିଆ ଯାଇଥିଲା । ଶ୍ରୀ ପଣ୍ଡା ରାତି ୭ ଟାରେ ତତ୍ କ୍ଷଣାତ ଥାନାରେ ପହଞ୍ଚି ପୀଡ଼ିତ ମହିଳାଙ୍କୁ ନିଜ ବାଇକରେ ହସ୍ପିଟାଲ ନେଇ ଚିକିତ୍ସିତ କରାଇଥିଲେ । ସମ୍ପୃକ୍ତା ମହିଳାଙ୍କ ଆତ୍ମୀୟ କେହି ନ ଥିବା ବେଳେ ଥାନାଧିକାରୀ ରଞ୍ଜନ କୁମାର ସେଠୀ ଓ ଏସଆଇ ମଧୁସ୍ମିତା ସିଂଙ୍କ ପରାମର୍ଶରେ ଶ୍ରୀ ପଣ୍ଡା ବୁଢ଼ୀ ମା'କୁ ଘରକୁ ନେଇଥିଲେ । ଅପରପକ୍ଷେ ପୁଲିସ ଲିଖିତ ଅଭିଯୋଗ ଗ୍ରହଣ କରି ତଦନ୍ତ ପାଇଁ ଗଡ଼ସାହି ବାଲିଆପାଳ ଗାଁରେ ପହଞ୍ଚିଥିଲା । ସେଠାରେ ପୁଲିସ ଅଭିଯୁକ୍ତକୁ ନ ପାଇ ସ୍ଥାନୀୟ ସରପଞ୍ଚ ଧ୍ରୁବଜ୍ୟୋତି ଗିରିଙ୍କ ସହିତ ଆଲୋଚନା କରିଥିଲେ ।

**ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ**

ସୂଚନାଯୋଗ୍ୟ, ରାଜୀବ ଲୋଚନ ୨ଟି ବିବାହ କରିଥିଲେ ମଧ୍ୟ କୌଣସି ସ୍ତ୍ରୀ ତାଙ୍କ ନିର୍ଯ୍ୟାତନା ସହି ନ ପାରି ତାକୁ ଛାଡି ପଳାଇଛନ୍ତି । ଆସନ୍ତା ଦିନରେ ବୁଢ଼ୀ ମାର ଭଙ୍ଗା ହାତ ପ୍ଲାଷ୍ଟାର ପରେ ବଡ଼ସାହି ନିର୍ବାଚନ ମଣ୍ଡଳୀ ମଣିଆବନ୍ଧସ୍ଥିତ ମାଣିତ୍ରୀ ଜରା ଆଶ୍ରମରେ ରଖିବା ବ୍ୟବସ୍ଥା କରାଯାଉଛି ।

**ବଜାରରେ ମିଳୁନି ଦେଶୀ ମାଛ**

# ଆନ୍ଧ୍ରା ମାଛ ଓ ପଶ୍ଚିମବଙ୍ଗ ମଇନା ମାଛ ଉପରେ ନିର୍ଭର

ଜଳେଶ୍ୱର ବ୍ଲକ, ୨୩।୬ (ସମିସ) :



ପଶ୍ଚିମବଙ୍ଗକୁ ଲାଗି ଜଳେଶ୍ୱର ଅଞ୍ଚଳ ଓ ଜଳେଶ୍ୱର ଅଞ୍ଚଳର ଲୋକମାନେ ଆମିଷ ଖାଇବାକୁ ଭାରି ପସନ୍ଦ କରନ୍ତି । ପଶ୍ଚିମବଙ୍ଗ ସଂସ୍କୃତି ପରମ୍ପରାରେ ମାଛକୁ ବିଭିନ୍ନ ତିଅଣରେ ପ୍ରସ୍ତୁତ କରି, ପରସା ଯାଇଥାଏ । ତେଣୁ ବଙ୍ଗଳା ଓ ଓଡ଼ିଆ ସଂସ୍କୃତି ଫେଣ୍ଟା ଫେଣ୍ଟି ଭାବେ ଏହି ଅଞ୍ଚଳର ଲୋକେ ବଙ୍ଗଳା ସଂସ୍କୃତିକୁ ଅନୁକରଣ କରିଥାନ୍ତି । ତାଳସାରି, ଦିଘା, ବାଲିଆପାଳ ଓ ଚାନ୍ଦିପୁର ଅଞ୍ଚଳରୁ ଜଳେଶ୍ୱରକୁ ପ୍ରଚୁର ପରିମାଣରେ ଲୁଣି ଓ କାଳରୁ କରାଯାଉଥିବା ମାଛ ଆସିଥାଏ । କିନ୍ତୁ ସ୍ୱାସ୍ଥ୍ୟଗତ କାରଣରୁ ସମୁଦ୍ର ମାଛକୁ ସମସ୍ତେ ଗ୍ରହଣ କରନ୍ତି ନାହିଁ । ଫଳରେ ଅଞ୍ଚଳର ଗଡ଼ିଆ ପୋଖରୀ ଓ ଖାଲ ନାଳରୁ ଧରା ଯାଉଥିବା ମାଛ ସ୍ୱଳ୍ପ ପରିମାଣରେ ବଜାର ହାଟକୁ ଆସିଥାଏ । ହେଲେ ଅଳ୍ପ ମାଛ ଆମଦାନୀ ହେଉଥିବାରୁ ଜଳେଶ୍ୱର ଭଳି ବୃହତ ଅଞ୍ଚଳକୁ ନିଅଣ୍ଟ ଓ ଅତ୍ୟଧିକ ଦର ମଧ୍ୟ ହୋଇଥାଏ । ଗ୍ରାମାଞ୍ଚଳରେ ୩ ଭାଗରୁ ୨ ଭାଗ ଗଡ଼ିଆ ଓ ଖାଲ ଦଳରେ ପରିପୂର୍ଣ୍ଣ ହୋଇ ପଡ଼ିଆ ହୋଇ ଯାଇଛି । ଫଳରେ ବ୍ୟାପକ ଭାବେ ଉପଲବ୍ଧ ହେଉଥିବା ମହୁରାଳୀ, କରାଣ୍ଡି, ଛୋଟ ଛୋଟ ଚିଙ୍ଗୁଡ଼ି, ବାଟା, ଫଳି ଓ ମିରିକାଳି ଭଳି ସ୍ୱାଦଯୁକ୍ତ ମାଛ ବେଳେ ବେଳେ ଦେଖିବାକୁ ମିଳୁଛି । ବର୍ଷାଋତୁ ଆସିଲେ ଦଳ ଭର୍ତ୍ତି ଗଡ଼ିଆ ଓ ପୋଖରୀରୁ ଉଠୁଥିବା ଶେଉଳ, ମାଗୁର, କଉ, ଗଡ଼ି ମାଛ ଖାଇବା ସ୍ୱପ୍ନ ହୋଇ ଗଲାଣି । ଏହି ମାଛ ଗୁଡ଼ିକ କେଉଁଠି ଯଦିଓ ମିଳିଲା, ପ୍ରାୟ ୫ ଶହରୁ ୧ ହଜାର ଟଙ୍କା କିଲୋ ପ୍ରତି କିଣିବାକୁ ପଡୁଛି । ହଁ, ବର୍ଷ ସାରା ଉପଲବ୍ଧ ହେଉଛି, କୃତ୍ରିମ ପ୍ରଜନନର ମତ୍ସ୍ୟଚାଷ ହୋଇଥିବା ଫିସାରୀ ମାଛ । ଏହି ଚାଷରେ ବିଭିନ୍ନ ରାସାୟନିକ ସାର ଔଷଧ ଓ ଇଂଜେକସନ (ହାଇବ୍ରିଡ) ପ୍ରୟୋଗ କରି ମାଛ ଗୁଡ଼ିକୁ ବଡ଼ କରା ଯାଇଥାଏ । କମ୍ ଦିନରେ ବଡ଼ ହେଉଥିବା ଏହି ମାଛ ଦେଖିବାକୁ ସୁନ୍ଦର ଓ ଲୋଭନୀୟ ହୋଇଥିଲା ବେଳେ ସ୍ୱାଦ କମ୍ ଓ ଶରୀର ପ୍ରତି ଅଧିକ କ୍ଷତିକାରକ ହୋଇଥାଏ । କିନ୍ତୁ ଲୋକେ ଭୋଜି ଭାତ ଆଦି କାର୍ଯ୍ୟକ୍ରମରେ ବାଧ୍ୟତା ମୂଳକ ଭାବେ ଏହି କିସମର ମାଛ ବ୍ୟବହାର କରିଥାନ୍ତି ।୨୦ ବର୍ଷ ତଳେ ଶତାଧିକ ଲୋକ ମାନେ ନିଜ ଗଡ଼ିଆ ପୋଖରୀରେ ବିଭିନ୍ନ ପ୍ରଜାତିର ବଡ଼ ବଡ଼ ରୋହୀ, ଭାକୁର, ସାଇପିନ୍ସା, ମିଢ, କାଳି ପାଉଁଶି, ବାଳିଆ, ଚିଥଳ, ବାଟୁଳା ଭଳି ମାଛ ପାଳନ କରି ମାଙ୍ଗଳିକ ଉତ୍ସବ ଓ ମୃତାହ କାର୍ଯ୍ୟକ୍ରମ ଉଠାଉ ଥିଲେ । ଏବେ କିନ୍ତୁ ପ୍ରଦୂଷିତ ବାୟୁ ମଣ୍ଡଳ ଓ ରେଡିଏସନ, ଅଧିକ କୀଟନାଶକ ପ୍ରୟୋଗ ଯୋଗୁଁ ଚିଙ୍ଗୁଡ଼ି, ଜହଲା, କରାଣ୍ଡି, ଭୋଦିସା, ବାଳିଆ ପକ୍ତା, ବାଇ ଟେଙ୍ଗରା, ଚନ୍ଦା, ବାଲକିଡି, ତୁଡ଼ି ଭଳି ବିଭିନ୍ନ ଦୁର୍ଲଭ ପ୍ରଜାତିର ସୁଆଦିଆ ମାଛ ପୁସ୍ତକରେ ସୀମିତ ହେବାକୁ ଯାଉଛି । ଜନସଂଖ୍ୟା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ମାଛ ଚାଷ ପାଇଁ ବହୁ ପ୍ରୋତ୍ସାହନ ଓ ସୁବିଧା ଯୋଗାଇ ଦିଆଯାଉଛି । କିନ୍ତୁ ବହୁ ହିତାଧିକାରୀ ସବ୍‌ସିଡି ନେଇ ଖାଲି ହାତରେ ବସିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ଆରମ୍ଭ କରି ବ୍ୟକ୍ତିଗତ ଚାଷୀମାନଙ୍କୁ ଆନୁସଙ୍ଗିକ ସହଯୋଗ ଯୋଗାଇ ଦିଆ ଯାଉଥିଲେ ମଧ୍ୟ ବଜାରରେ ଦେଶି ମାଛର ଅଭାବ ସବୁବେଳେ ଲାଗି ରହିଛି । ଦେଶି ସୁଆଦିଆ ମାଛର ସ୍ଥାନ ପୂରଣ କରୁଛି ଆନ୍ଧ୍ର ମାଛ ଓ ପଶ୍ଚିମବଙ୍ଗର ମଇନା ଫିସାରୀ ମାଛ । ଜଳେଶ୍ୱର ବ୍ଲକରେ ଦେଶି ମାଛର ଅଭାବୀ ହୋଇଥିବା ବେଳେ ମୃଦୁ ଜଳ ମାଛ ଚାଷର ସଫଳତା ତଥା ବିଭାଗର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆବଶ୍ୟକତାକୁ ଲକ୍ଷ୍ୟ କରି ଯୋଜନା ହୋଇ ଥିଲେ ମଧ ଦେଶି ମାଛ ଗ୍ରାହକଙ୍କ ଚାହିଦା ପୂରଣ ହୋଇପାରୁ ନାହିଁ । ଫଳରେ ଗ୍ରାହକ ମାନେ ଆନ୍ଧ୍ର ଓ ପଶ୍ଚିମବଙ୍ଗରୁ ଆସୁଥିବା ବରଫାବୃତ ଅସ୍ୱାସ୍ଥ୍ୟକର ମାଛ ଉପରେ ନିର୍ଭର କରିବାକୁ ବାଧ ହେଉଛନ୍ତି । ଡ୍ୟାମ ମାଛ, ବିଳାସ ପୁରୀ ଓ ପଶ୍ଚିମବଂଗ ର ମଇନା ପୋଖରୀ ମାଛ ଉପରେ ଅଞ୍ଚଳ ବାସୀ ନିର୍ଭରଶୀଳ ଅଟନ୍ତି । ବେପାରୀ ମାନଙ୍କ କହିବା ଅନୁଯାୟୀ ଆନ୍ଧ୍ର ମାଛ କିସମ ଅନୁସାରେ କେ.ଜି ପ୍ରତି ୧୪୦ରୁ ୧୬୦ ଟଙ୍କାରେ କିଣାଯାଇ ୧୮୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରା ଯାଉଛି । ମାତ୍ର ଦେଶି ମାଛର ଚାହିଦା ରହିଥିଲେ ମଧ୍ୟ ଦେଶି ମାଛ ଉପଲବ୍ଧ ହୋଇପାରୁ ନାହିଁ । ଅଧୁନା ଅର୍ଥ ସ୍ୱର୍ବସ୍ୱ ଦୁନିଆରେ ଗଡ଼ିଆ ପୋଖରୀ, ନାଳ ଖାଲ, ସଫା କରିବା ଓ ବ୍ୟବହାର କରିବା ସ୍ୱପ୍ନ ପାଲଟିଛି । ସେଲୋ, ଟିୟୁବଏଲ ବସୁଧା ପାଣି ଦ୍ୱାରା ଲୋକେ କାମ ଚଳାଇ ଦେଉଛନ୍ତି । ଯୁବକ ସଂଘ ଦ୍ୱାରା ଆଉ ଜଳପୂର୍ଣ୍ଣ ପୋଖରୀ ପରିଷ୍କାର ହେଉନାହିଁ । ସହଜରେ ଅର୍ଥ ରୋଜଗାର ପନ୍ଥାରେ ୨୫୦ ଗ୍ରାମ ମାଛ କ୍ରୟ ସହିତ, ଚିକେନ, ମଟନ, ଅଣ୍ଡା ଉପରେ ଲୋକେ ଅଧିକ ନିର୍ଭରଶୀଳ ହେଉଛନ୍ତି । ସରକାର ଏହାର ପ୍ରତିକାର କରିବା ନିହାତି ଜରୁରୀ ବୋଲି ଅଞ୍ଚଳବାସୀ ଆଶାବାଦୀ ।

# ୫ ବର୍ଷରେ ବାଲେଶ୍ୱରରେ ନାହିଁ ଡିପ୍‌ଥେରିଆ ମାମଲା

- ଆଲର୍ଟ ରହିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ
- ଗୁରୁତର ସହ ହେଉଛି ଟିକାକରଣ

ବାଲେଶ୍ୱର, ୨୩।୬ (ସମିସ):



ରାଜ୍ୟରେ ଡିପଥେରିଆ ସଂକ୍ରମଣ ଭୟ। ଧୀରେ ଧୀରେ ସଂକ୍ରମଣର ରୂପ ନେଉଛି ଡିପଥେରିଆ। ଗୋଟିଏ ପରେ ଗୋଟିଏ ଜିଲ୍ଲାକୁ ମାଡ଼ି ଚାଲିଛି ଏହି ଡିପଥେରିଆ। ଏହି ଡିପଥେରିଆରେ ମୃତ୍ୟୁ ସହ ସଂକ୍ରମିତ ମଧ୍ୟ ଚିହ୍ନଟ ହେଉଛନ୍ତି। ରାୟଗଡ଼ା ପରେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ଏହା ଦେଖାଗଲାଣି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରରେ ଏହି ଡିପଥେରିଆକୁ ନେଇ ଆଲର୍ଟ ରହିଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ। ଅଧିକରୁ ଅଧିକ ଟିକାକରଣ କରାଯିବା ସହ ଆବଶ୍ୟକ ବେଳେ ଉଚିତ ପଦକ୍ଷେପ ଗ୍ରହଣ କରାଯିବାର ଯୋଜନା କରାଯାଇଛି। ଏଥିପାଇଁ ବାଲେଶ୍ୱରରେ ସବୁବେଳେ ଗର୍ଭବତୀ ମହିଳାଙ୍କୁ ଡୋଜ୍ ପ୍ରଦାନ ସହ ଜନ୍ମ ହୋଇଥିବା ଶିଶୁକୁ ଦିଆଯାଉଛି ଟିକା। ଯାହାଫଳରେ ବାଲେଶ୍ୱରରେ ବର୍ତ୍ତମାନ ସୁଦ୍ଧା ଡିପଥେରିଆର କୌଣସି ମାମଲା ନାହିଁ। ଯଦି କିଛି ମାମଲା ଆସେ ତେବେ ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିଛି। ହେଲେ ବାଲେଶ୍ୱରରେ ଡିପଥେରିଆ ହେବାର କୌଣସି ଆଶଙ୍କା ନାହିଁ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏଚଓ ଡ଼ା. ମୃତ୍ୟୁଞ୍ଜୟ ମିଶ୍ର ସୂଚନା ଦେଇଛନ୍ତି। ପ୍ରାୟତଃ ପିଲାମାନେ ଏହି ରୋଗରେ ପ୍ରଭାବିତ ହୋଇଥାନ୍ତି। ତେବେ ଏହାର ମୁକାବିଲା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟ ଆଲର୍ଟ ରହିଛି। କାହାର ଥଣ୍ଡା, ଜ୍ୱର କି ତଣ୍ଟି ବଥା ହେଲେ ପରୀକ୍ଷା କରାଇବାର ବ୍ୟବସ୍ଥା ରହିଛି। ଡିପଥେରିଆ ଏଡ଼ାଇବା ପାଇଁ ବାଲେଶ୍ୱରରେ ଅଧିକ ପରିମାଣରେ ଟିକାକରଣ କରାଯାଉଛି। ସଚେତନତା ମଧ୍ୟ କରାଯାଇ ଟିକା ପ୍ରଦାନ କରାଯାଉଛି। ଶିଶୁ ଜନ୍ମ ହେବା ମାତ୍ରେ ଟିକା କାର୍ଡ ପ୍ରଦାନ କରାଯାଉଛି। ଏଥିସହିତ ୩ଟି ଡୋଜ୍ ତିନୋଟି ପର୍ଯ୍ୟାୟରେ ପିଲାଙ୍କୁ ପ୍ରଦାନ କରାଯାଉଛି। ଦେଢ଼ ମାସ, ଅଢେଇ ମାସ ଏବଂ ସାଢେ ତିନି ମାସରେ ଥରେ ଡିପିଟି(ଡିପଥେରିଆ, ପେର୍ଟୁସିସ୍, ଟିଟାନସ୍) ଟୀକା ଦିଆଯାଉଥିବା ବେଳେ ୫ ବର୍ଷ ବୟସରେ ଥରେ ଡିପିଟି ବୁଷ୍ଟର ଡୋଜ୍ ଦିଆଯାଉଛି। ଏହାବ୍ୟତୀତ ୧୦ ଏବଂ ୧୬ ବର୍ଷ ବୟସରେ ଟିଡି ଡୋଜ୍ ଦିଆଯାଉଛି। ଗର୍ଭବତୀ ସମୟରେ ମା'କୁ ମଧ୍ୟ ଟିଡି ୨ ଡୋଜ୍ ଦିଆଯାଇଥାଏ। ବିଭିନ୍ନ ଅଙ୍ଗନବାଡ଼ି, ସବ୍ ସେଣ୍ଟର, ହସ୍ପିଟାଲ୍ ଆଦି ବିଭିନ୍ନ ସ୍ଥାନରେ ଏହି ଟିକା ଦିଆଯାଇଥାଏ। ପ୍ରତ୍ୟେକ ବୁଧବାର ବିଭିନ୍ନ ସ୍ଥାନରେ ବାରି ଅନୁସାରେ ଦିଆଯାଏ ଟୀକା। ଯେଉଁଠି ଥିଲେ ଜଣେ ଏହି ଟୀକା ନେଇପାରିବେ। ଟିକାକରଣ ହିଁ ଡିପଥେରିଆକୁ ରୋକିବାର ଏକମାତ୍ର ଉପାୟ। ଏବେ ଯେଉଁଠି ଡିପଥେରିଆ ସଂକ୍ରମଣ ହେଉଛି ସେଠାରେ ଟିକାକରଣ ହୋଇନାହିଁ। ବାଲେଶ୍ୱରରେ ଟିକାକରଣ ଗୁରୁତର ସହ କରାଯାଉଛି। ସର୍ଭେଲାନ୍ସ ଜାରି ରହିଛି। ଏନେଇ ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀଙ୍କୁ ତାଲିମ ଦିଆଯାଇଛି। କିଛି ବି ଲକ୍ଷଣ ରହିଲେ ଆମେ ପଦକ୍ଷେପ ନେବୁ। ତେବେ ଗତ ୫ ବର୍ଷ ଭିତରେ ବାଲେଶ୍ୱରରେ ଡିପଥେରିଆ କେସ୍ ନାହିଁ। ଆମର ଏଠାରେ ପିଲାମାନଙ୍କୁ ଟିକାକରଣ କରାଯାଉଛି। ତେଣୁ ଏଠାରେ ଡିପଥେରିଆ ହେବାର ଆଶଙ୍କା ମଧ୍ୟ ନାହିଁ। ପିଲାମାନଙ୍କୁ ୩ ଟା ଡୋଜ୍ ଦିଆଯାଉଛି। ୫ ବର୍ଷ ବୟସରେ ବୁଷ୍ଟର ଡୋଜ୍ ଏବଂ ୧୦ ଏବଂ ୧୬ ବର୍ଷରେ ଟିଡି ଡୋଜ୍ ଦିଆଯାଉଛି। ଡିପଥେରିଆ ପାଇଁ ସର୍ଭିଲାନ୍ସ ଜାରି କରାଯାଇଛି। ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀ ତଥା ସ୍ୱାସ୍ଥ୍ୟ କର୍ମୀଙ୍କୁ ତାଲିମ ଦିଆଯାଇଛି। ସେମାନେ ସଜାଗ ଅଛନ୍ତି। କାହାର କିଛି ଲକ୍ଷଣ ଦେଖିଲେ ତୁରନ୍ତ ପରୀକ୍ଷା ପାଇଁ ପଠାଯିବ। ଆମେ ପଦକ୍ଷେପ ନେବୁ। ତେବେ ବାଲେଶ୍ୱରରେ ଡିପଥେରିଆ ସଂକ୍ରମଣ ହେବା ଆଶଙ୍କା ନାହିଁ ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ



ବାଲେଶ୍ୱର, ୨୩।୬ (ସମିସ): ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ବିଜେପି ପକ୍ଷରୁ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୧ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସଭା ପରିଚାଳନା କରିଥିବା ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ସ୍ୱାଗତ ଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପ ସଭାପତି କମଳ ଲୋଚନ ଦାସ, ଉପ ସଭାନେତ୍ରୀ ମମତା ମହାପାତ୍ର, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ଗଣମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ଡ. ମୁଖାର୍ଜୀଙ୍କ ରାଷ୍ଟ୍ରପ୍ରେମ, ସଶକ୍ତ ଭାରତ ନିର୍ମାଣରେ ତାଙ୍କ ଅବଦାନ, ମାଟି ମା ପ୍ରତି ଭଲପାଇବା ତଥା ଏକ ଦେଶ, ଏକ ନିଶାନ, ଏକ ବିଧାନ, ଏକ ପ୍ରଧାନ ଉକ୍ତି ବିଷୟରେ ଆଲୋକପାତ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ନୀଳଗିରି, ୨୩।୬ (ସମିସ): ନୀଳଗିରି ବ୍ଲକର ୩ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଗରଡିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ହୋତା ଏଥିରେ ସଭାପତିତ୍ୱ କରିଥିବା ବେଳେ ମାଟିଆଳି ଆଞ୍ଚଳିକ ସାଧନ କେନ୍ଦ୍ର ସିଆରସିସି ରୂପକ କୁମାର ପସା, ସମ୍ମାନିତ ଅତିଥି ଭାବେ ବାରାଖେଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ନାୟକ ଓ ଟିଆକଟା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ କବାଟ ମଞ୍ଚାସୀନ ଥାଇ ନିଜନିଜର ବହୁମୂଲ୍ୟ ଅଭିଭାଷଣ ରଖିଥିଲେ। ନୀଳଗିରି ବ୍ଲକ ଗରଡିହି ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ଟିଆକଟା ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ଚେକାମରା ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ପସା, ଗରଡିହି ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ରମଣୀ ମହଲ, କଦମ୍ବଗଡ଼ି ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ମଣିଷ ତିଆରି କାରଖାନାରେ ବିଗତ ତିନି ଦଶନ୍ଧି ଧରି ସୁଚାରୁ ରୂପେ କାର୍ଯ୍ୟଭାର ସମ୍ଭାଳିବା ସହ ପିଲାଙ୍କ ସହିତ ଜୀବନ କାଟି ଦେଇ ଭଲ ଶିକ୍ଷାବିତ ଭାବେ ନିଜକୁ ପ୍ରତିପାଦିତ କରିପାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗରଡିହି କ୍ଲଷ୍ଟରର ସିଆରସି ସାବିତ୍ରୀମଣି ସିଂ, ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବିପୁଳ ମଦ ଜବତ, ୩ ଗିରଫ

ନୀଳଗିରି, ୨୩।୬(ସମିସ): ଆଜି ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ସୀତାପତିପୁର ଗ୍ରାମର ଶରତ ବେହେରା (୩୫)ଙ୍କଠାରୁ ଦୁଇ ଶହ ଲିଟର ବିୟର, ଔପଦା ବ୍ଲକ ବାଙ୍ଗଶବଣିଆ ପଞ୍ଚାୟତ ହାଟସାହି ଗ୍ରାମର ଗୌରହରୀ ଜେନାଙ୍କ ସ୍ତ୍ରୀ ପଦ୍ମାବତୀ ଜେନା (୩୮)ଙ୍କ ଠାରୁ ୩୦ଲିଟର ଦେଶୀ ମହୁଲି ମଦ, ପୋଡ଼ାଶୂଳ ଗ୍ରାମର ପ୍ରକାଶ ଚନ୍ଦ୍ର ପତିଙ୍କଠାରୁ ୧୬ଲିଟର ୯ଶହ ଗ୍ରାମ ବିଦେଶୀ ମଦ, ଗରଡିହି ପଞ୍ଚାୟତ କଳାକାଦ ଗ୍ରାମର ସୁଧାକର ସିଂଙ୍କ ଠାରୁ ୨୫ଲିଟର ଦେଶୀ ମହୁଲି ମଦ, ଉକ୍ତ ୪ଜଣଙ୍କ ପାଖରୁ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ହୋଇ ଯାଇଥିଲେ। ଏ ସମସ୍ତଙ୍କ ନାମରେ ପୃଥକ ମାମଲା ରୁଜୁ କରାଯାଇ ବେଲ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତାକୁ ପଠାଇ ଦିଆଯାଇଛି।

## ଦୁର୍ଘଟଣାରେ ଜଣେ ମୃତ

ସିମୁଳିଆ, ୨୩।୬(ସମିସ): ସିମୁଳିଆ ବ୍ଲକ ଅନ୍ତର୍ଗତ ସିମୁଳିଆ କଲେଜ ଓଭର ବ୍ରିଜ ୧୬ ନମ୍ବର ଜାତୀୟ ରାଜପଥ ବ୍ରିଜ ଡ୍ରାଇଭର୍ସନ ନିକଟରେ ଭଦ୍ରକ ଆଡୁ ବାଲେଶ୍ୱର ଯାଉଥିବା କ୍ୟାଣ୍ଟର ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୟାଗଡ଼ ଜିଲ୍ଲା କନ୍ଧନୟାଗଡ଼ ଅଞ୍ଚଳର ଅଳିହା ବେହେରାଙ୍କ ପୁତ୍ର ଦୀପକ ବେହେରା (୨୬)। ସେଠାରେ ସ୍ଥାନୀୟ ଲୋକ ଦେଖି ସିମୁଳିଆ ପୁଲିସକୁ ଖବର ଦେଇଥିଲେ। ଯଥା ଶିଘ୍ର ସିମୁଳିଆ ପୁଲିସ ସେଠାରେ ପହଁଚି ଥିଲେ ଓ ଭଦ୍ରକ ଦମକଳକୁ ଫୋନ କରିଥିଲେ। ସେଠାରେ ଦମକଳ ବାହିନୀ ପହଞ୍ଚି ଗ୍ୟାସ କଟର କାଟି ଡ୍ରାଇଭରକୁ ବାହାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ଘୋଷଣା କରିଥିଲେ।

## ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ବିଧାୟକଙ୍କ ଶ୍ରଦ୍ଧାଞ୍ଜଳି



ନୀଳଗିରି, ୨୩।୬ (ସମିସ): ଆଜି ବଳିଦାନ ଦିବସକୁ ସାରା ଭାରତ ବର୍ଷରେ ପାଳନ କରାଯାଉଥିବା ବେଳେ ନୀଳଗିରି ବିଜେପି କାର୍ଯ୍ୟାଳୟ ରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ପ୍ରଖର ରାଷ୍ଟ୍ରବାଦ, ବିଚାରକ ଏବଂ ଭାରତର ଏକତା ଓ ଅଖଣ୍ଡତା ପାଇଁ ନିଜର ସମ୍ପୂର୍ଣ୍ଣ ଜୀବନକୁ ସମର୍ପିତ କରିଥିବା ମହାନ ରାଷ୍ଟ୍ର ଭକ୍ତ ଡଃ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ନୀଳଗିରି ବିଜେପି କାର୍ଯ୍ୟାଳୟରେ ଅପରାହ୍ନ ୪ ଘଟିକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗ ଦେଇ ସ୍ୱର୍ଗତ ମୁଖାର୍ଜୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଏବଂ ପ୍ରଦୀପ ପ୍ରଜ୍ୱୋଳନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଏନଏସି ଉପାଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସାଂସଦଙ୍କ ନୀଳଗିରି ବ୍ଲକ ପ୍ରତିନିଧି କରୁଣା କର ପଣ୍ଡା, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ବଳରାମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ବିଜେପି ଯୁବନେତା ସବ୍ୟସାଚୀ ମହାପାତ୍ର, ମନୋରଞ୍ଜନ ମହାନ୍ତି, କାର୍ତ୍ତିକ ଜେନା, ସୁରଞ୍ଜନ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ନବନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଔପଦା, ୨୩।୬ (ସମିସ) : ନବ ନିର୍ବାଚିତ ବିଧାୟକ ସନ୍ତୋଷ ଖଟୁଆଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ବିଧାୟକ ଶ୍ରୀ ଖଟୁଆ ଗତକାଲି ପୂର୍ବାହ୍ନ ୧୧.୩୦ ସମୟରେ ପହଁଚି ଔପଦା ବ୍ଲକ ୧ ନମ୍ବର ଜୋନ ତଳକିଆ, ଫତେପୁର, ରାଏରାମଚନ୍ଦ୍ରପୁର, ଗଡ଼ସାହି, ଅଘିରାପଦା ଓ ବଡ଼ପୋଖରୀ ଆଦି ପଞ୍ଚାୟତ ଗସ୍ତକରି ଦଳୀୟ କର୍ମକର୍ତ୍ତା ଓ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ସାକ୍ଷାତ କରି ସ୍ଥାନୀୟ ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମେ ତଳକିଆ ପଞ୍ଚାୟତର ଶିଶୁ ମନ୍ଦିର ସମ୍ମୁଖରେ ତଳକିଆ ପଞ୍ଚାୟତ ତରଫରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭା ରେ ବିଧାୟକ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ଖଟୁଆଙ୍କୁ ଫୁଲତୋଡା ଓ ଉତ୍ତରୀୟ ଦେଇ କର୍ମୀ ମାନେ ସମ୍ବର୍ଦ୍ଧନା ଜଣାଇଥିଲେ। ଔପଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପରିଣତ କରିବା ସହିତ ଔପଦା ମହାବିଦ୍ୟାଳୟର ଉନ୍ନତି, ଔପଦା ବଜାର ର ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରିବାରେ ଗୁରୁତ୍ୱ ଦେବା ଓ ସ୍ଥାନୀୟ ଅଞ୍ଚଳର ମୌଳିକ ସମସ୍ୟା ସମାଧାନ କରିବାରେ ଗୁରୁତ୍ୱ ଦେବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ ପରେ ଫତେପୁର, ରାଏରାମଚନ୍ଦ୍ରପୁର, ଗଡ଼ସାହି, ଅଘିରାପଦା ଓ ବଡ଼ପୋଖରୀ ପଞ୍ଚାୟତ ତରଫରୁ ବିଧାୟକ ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ପଞ୍ଚାୟତ ମାନଙ୍କ ରେ ବିଭିନ୍ନ ପ୍ରକଳ୍ପର ବିଧାୟକ ଶିଳାନ୍ୟାସ କରିଥିଲେ। ବଡ଼ପୋଖରୀ କନ୍ଦିପୁର ଗ୍ରାମରେ ଆଜି ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିବା ବିନୋଦ ବେହେରା(୬୧)ଙ୍କ ପରିବାରକୁ ବିଧାୟକ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ରାମ ଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷା ବିସିବିସ୍ମା ପାତ୍ର, ଅଶୋକ ପ୍ରଧାନ, ହରିହର ମହଲା, ରାଧାଶ୍ୟାମ ଦାଶ, କିଶୋର ଚନ୍ଦ୍ର ପଣ୍ଡା, ନରହରି ନାୟକ, ଜନାର୍ଦ୍ଦନ ପଣ୍ଡା, ସୁଦର୍ଶନ ରାଉତ, କାର୍ତ୍ତିକେଶ୍ୱର ପଣ୍ଡା, ସରପଞ୍ଚ ମନସ୍ମିତା ପଣ୍ଡା, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ପିତାମ୍ବର ବାରିକ, ପର୍ଶୁରାମ ଲେଙ୍କା, ସଚିନ୍ଦ୍ର ବେହେରା, ରାଧାଗୋବିନ୍ଦ ଧଡ଼ା, ସରୋଜ ଜେନା, ମହେଶ୍ୱର ରାଉତ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ, ୨ ଗୁରୁତର

ନୀଳଗିରି, ୨୩।୬ (ସମିସ): ଶେରଗଡ଼ ଝରଣଘାଟି ୧୯ ନଂ ରାଜ୍ୟ ରାଜପଥର ନୀଳଗିରି ସୀମାନ୍ତ ଏସ୍ ଆର୍ ତେଲଟାଙ୍କି ନିକଟରେ ଗତକାଲି ବିଳମ୍ବିତ ରାତିରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇ ଦୁଇ ଜଣ ଯୁବକ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତରଙ୍କୁ ସ୍ଥାନୀୟ କିଛି ଯୁବକ ଉଦ୍ଧାର କରି ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଦୁଇ ଗୁରୁତର ମଧ୍ୟରୁ ଜଣେ ଔପଦା ବ୍ଲକ ଟଣକା ଗ୍ରାମର ଗୋପବନ୍ଧୁ ମଲ୍ଲିକ ଓ ଅନ୍ୟ ଜଣେ ମଛୁଆସାହି ଗ୍ରାମର ଏସ୍, କେ ଆକବର ବୋଲି ଜଣାପଡ଼ିଛି।

## ତରାପୁରରେ ଗୋଶାଳା ପ୍ରତିଷ୍ଠା ଲାଗି ଭୂମିପୂଜନ



ଖଇରା, ୨୩।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅନ୍ତର୍ଗତ ତରାପୁର ଗ୍ରାମରେ ଗୋବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ନିମିତ୍ତ ଭୂମିପୂଜନ କାର୍ଯ୍ୟକ୍ରମ ପବିତ୍ର ସ୍ନାନପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୋଇ ଯାଇଛି। ଅଡା ଶ୍ରୀଜଗନ୍ନାଥ ଆଶ୍ରମର ମହନ୍ତ ଶଙ୍କର ଶରଣ ମହରାଜ ଭୂମିପୂଜନ କରିବା ସହ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସନାତନ ଧର୍ମରେ ଗୋମାତାଙ୍କ ପୂଜା ଆଜିର ଦିନରେ ସଙ୍କଟରେ ପଡ଼ିଥିବା ଏହି ଗୃହପାଳିତ ପଶୁର ସୁରକ୍ଷା, ପଞ୍ଚଗବ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସରପଞ୍ଚ ପ୍ରତିନିଧି କୈଳାସ ଚନ୍ଦ୍ର ମାଝୀ ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନଶିକ୍ଷକ ଭଗବାନ ଦାସ ସମ୍ମାନିତ ବକ୍ତା, କିଶାନ ସଂଘର କାର୍ଯ୍ୟକର୍ତ୍ତା ବିଶ୍ୱନାଥ ସେଣ୍ଠ ନିମନ୍ତ୍ରିତ ବକ୍ତା ଭାବେ ଯୋଗ ଦେଇଥିଲେ। ଆଖପାଖ ଗ୍ରାମର ବାସିନ୍ଦା ପ୍ରତିରାଣୀ ସେଠୀ, ବନମାଳି ପରିଡ଼ା, ଚକ୍ରଧର ସେଠୀ, ମଦନ ସେଠୀ, ଯୁଧିଷ୍ଠିର ପଣ୍ଡା, ହେମନ୍ତ ପରିଡ଼ା, ମଧୁସୁଦନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଗୋବ୍ରତୀ ନୀଳକଣ୍ଠ ନୀଳମଣି ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଓ ହରିହର ପଣ୍ଡା ପୂଜାର୍ଚ୍ଚନା କରିଥିଲେ।

## ବେଧଡ଼କ ଚାଲିଛି ବେଆଇନ ମାଟି ଉତ୍ତୋଳନ; ପ୍ରଶାସନ ଚୁପ୍

ସୋର, ୨୩।୬(ସମିସ):



ସୋର ବ୍ଲକ ଅଞ୍ଚଳରେ ଦିନକୁଦିନ ମାଟି ମାଫିଆମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଚତୁରତାର ସହିତ ନମ୍ବର ବିହୀନ ଟ୍ରାକ୍ଟରରେ ସେମାନେ ମାଟି ପରିବହନ କରୁଥିବା ବେଳେ ଏହାର ଚାଳକ ସାଜିଛନ୍ତି ନାବାଳକମାନେ। ଏସବୁ ଦିନ ଦ୍ୱିପ୍ରହରରେ ଚାଲିଥିବା ବେଳେ ସବୁ ଜାଣି ସୋର ତହସିଲଦାର ଅଜଣା ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଗତ କିଛିଦିନ ତଳେ ସ୍ଥାନୀୟ କୃଷ୍ଣଚନ୍ଦ୍ରପୁର ଗ୍ରାମର ପିତାକାଳିଆ ନଦୀ କଡ଼ରୁ ଦିନ ଦ୍ୱିପ୍ରହରେ ମାଟି ଉତ୍ତୋଳନ ଚାଲିଥିଲା। ଏନେଇ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସୋର ତହସିଲଦାର ଶେଖ ସାଗିର କିଛି ସମୟ ପାଇଁ ମାଟି ଖନନ ବନ୍ଦ କରିଦେଲେ। କିନ୍ତୁ ମାଟି ଖନନ କରୁଥିବା ଲୋକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନି। ସେହିଭଳି ଗତ ୧୬ ତାରିଖ ମଧ୍ୟାହ୍ନରୁ ରାତି ଯାଏ ସୋର ରେଳ ଷ୍ଟେସନ୍ ନିକଟ ଚାଷ ଜମିରୁ ମାଟି ଉତ୍ତୋଳନ ଚାଲିଥିଲା। ଏ ନେଇ ସ୍ଥାନୀୟ ଲୋକେ ସୋର ତହସିଲଦାର ଶେଖ ସାଗିରଙ୍କୁ ଖବର ଦେଇଥିଲେ ମଧ୍ୟ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ଅନ୍ୟପଟେ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏକ ନମ୍ବର ବିହୀନ ମାଟି ବୋଝେଇ ଟ୍ରାକ୍ଟରକୁ ଜବତ କରି ଥାନାକୁ ନେଇଥିଲେ। ଅନ୍ୟ ୪ଟି ଟ୍ରାକ୍ଟର୍ ଓ ମାଟି ଉତ୍ତୋଳନରେ ଲାଗିଥିବା ମେସିନକୁ ମାଫିଆମାନେ ଗାଏବ କରି ଦେଇଥିଲେ। ଗତ ୧୭ ତାରିଖ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ଚିଙ୍ଗୁଡ଼ି ଛକ ଅଞ୍ଚଳରେ ଥିବା ଏକ ସରକାରୀ ଜାଗାରୁ ଦିନ ଦ୍ୱିପ୍ରହରେ ବେଆଇନ ଭାବେ ମାଟି ଉତ୍ତୋଳନ କରାଯାଉଥିଲା। ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ଫୋନ୍ ଯୋଗେ ଜଣାଇଥିଲେ ମଧ୍ୟ ତହସିଲଦାର 'ଯାଉଛି' କହି ଫୋନ କାଟି ଦେଇଥିଲେ। ପରେ ଲୋକେ ୧୧୨କୁ କଲ୍ କରି ପୁଲିସର ସହାୟତା ନେଇଥିଲେ। ମାତ୍ର ପୁଲିସ ପହଞ୍ଚିବା ବେଳକୁ ମାଟି ପରିବହନ କରୁଥିବା ଟ୍ରାକ୍ଟର ଓ ଖନନରେ ଲାଗିଥିବା ମେସିନଗୁଡିକ କୁଆଡ଼େ ପଳାଇ ଯାଇଥିଲା। ସେହିଭଳି ଭାବେ ଗତ କାଲିଠାରୁ ଆଜି ପର୍ଯ୍ୟନ୍ତ ଉତ୍ତରେଶ୍ୱରରେ ଅହରହ ମାଟି ପଡୁଥିବା ବେଳେ ଗତକାଲି ଖଣି ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ବ୍ୟସ୍ତରେ ଥିବା କହିଥିଲେ। ମାଟି ମାଫିଆମାନଙ୍କୁ ଧରିବା ପାଇଁ ପୁଲିସ ତତ୍ପର ହେଉଥିବା ବେଳେ ତହସିଲଦାର କାହିଁକି ସକ୍ରିୟ ହେଉ ନାହାନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଖଣି ଅଧିକାରୀଣି ସନ୍ତୋଷୀ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ଆମ ପାଖରେ କର୍ମଚାରୀଙ୍କ ଅଭାବ ରହିଛି। ତଥାପି ବେଆଇନ ମାଟି ଉତ୍ତୋଳନ ଆମ ନଜରରେ ପଡ଼ିଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏ ବାବଦରେ ସ୍ଥାନୀୟ ପ୍ରଶାସନକୁ ଜଣାଇବାକୁ ସେ ପରାମର୍ଶ ଦେଇଥିଲେ। ସୋର ତହସିଲଦାର ଶେଖ ସାଗରିଙ୍କୁ ଯୋଗାଯୋଗ କରାଯାଇଥିଲା ସେ ଛୁଟିରେ ଥିବା କହି ଫୋନ କାଟିଦେଇଥିଲେ। ଏ ଦିଗରେ ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୋରବାସୀ ଦାବି କରିଛନ୍ତି।

